
ସାପ୍ତାହିକ
Postal Regd. No.: SBP/14/2019-2021
# ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.25 | Issue - 29 | 15 - 21 August 2021 | Sambalpur | Page-12 | Invitation Price Rs.10

## ଜଗଦ୍‌ଗୁରୁ ରାମସ୍ୱରୂପାଚାର୍ଯ୍ୟଙ୍କୁ ତୁଳସୀ ସମ୍ମାନ



ସମ୍ବଲପୁର : ଚିତ୍ରକୂଟ ସ୍ଥିତ କାମଦଗିରି ପୀଠାଧୀଶ୍ୱର ଜଗଦ୍‌ଗୁରୁ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ଶ୍ରୀ ରାମସ୍ୱରୂପାଚାର୍ଯ୍ୟ ଚଳିତ ବର୍ଷର 'ତୁଳସୀ ସମ୍ମାନ' ପ୍ରଦାନ କରାଯିବ । ଗୁଜୁରାଟର ମୋହବା ସ୍ଥିତ କୈଳାଶ ଗୁରୁକୁଳ ଠାରେ ଶ୍ରୀ ମୁରାରୀ ବାପୁଙ୍କ ଉପସ୍ଥିତିରେ ଆୟୋଜିତ ଉତ୍ସବରେ ଶ୍ରୀ ରାମ ସ୍ୱରୂପାଚାର୍ଯ୍ୟଙ୍କୁ ଏହି ପୁରସ୍କାର ଦିଆଯିବ । ଉଲ୍ଲେଖଯୋଗ୍ୟ ପ୍ରତ୍ୟେକ ବର୍ଷ ତୁଳସୀ ଦାସ ଜୟନ୍ତୀ ଅବସରରେ ଦେଶର ରାମଚରିତ ମାନସ ପ୍ରବଚକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ ।

## ସଂସଦରେ ହଙ୍ଗାମା ଯୋଗୁଁ ୨୧୬ କୋଟି କ୍ଷତି

ନୂଆଦିଲ୍ଲୀ: ସଂସଦର ମୌସୁମୀ ଅଧିବେଶନରେ ହଙ୍ଗାମା ଯୋଗୁଁ ଲୋକସଭା ଏବଂ ରାଜ୍ୟସଭା କାର୍ଯ୍ୟ ହୋଇ ନ ପାରିବାରୁ ଲୋକଙ୍କର ୨୧୬ କୋଟି ଟଙ୍କା ପାଣିରେ ପଡିଛି । ସଂସଦ ଅଧିବେଶନ ଚାଲିବା ପାଇଁ ପ୍ରତି ମିନିଟରେ ୨.୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ । ତେବେ ମୌସୁମୀ ଅଧିବେଶନରେ ପେଗାସସ, କୃଷି ଆଇନ ଆଦି ପ୍ରସଙ୍ଗରେ ହୋହାଲ୍ଲା ଯୋଗୁଁ ଅଧିକାଂଶ ସମୟ ଗୃହ କାର୍ଯ୍ୟ ବାଧା ପ୍ରାପ୍ତ ହୋଇଥିଲା । ଏହି ସମୟରେ ଲୋକସଭାରେ ୯୬ ଘଣ୍ଟା ଏବଂ ରାଜ୍ୟସଭାରେ ୯୭.୩୦ ଘଣ୍ଟା କାର୍ଯ୍ୟ ହେବାର ଥିଲା । କିନ୍ତୁ ମାତ୍ର ୪୯ ଘଣ୍ଟା ୧୪ ମିନିଟ୍ ପାଇଁ ଗୃହକାର୍ଯ୍ୟ ଚାଲିଥିଲା । ପ୍ରତି ମିନିଟରେ ୨.୫ ଲକ୍ଷ ଟଙ୍କା ହିସାବରେ ୧୯୩ ଘଣ୍ଟା ୩୦ ମିନିଟ୍ ଅର୍ଥାତ୍ ୧୧୬୧୦ ମିନିଟ୍ ପାଇଁ ୨୯୦ କୋଟି ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଉଭୟ ସଦନରେ ମୋଟ ୪୯.୧୪ ଘଣ୍ଟା ଅର୍ଥାତ୍ ୨୯୫୪ ମିନିଟ୍ କାର୍ଯ୍ୟ ହୋଇଛି । ଏଥିପାଇଁ ହାରାହାରି ୭୩.୮୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଅନୁମାନ କରାଯାଉଛି । ଅର୍ଥାତ୍ ୨୯୦ କୋଟି ୨୫ ଲକ୍ଷ ଟଙ୍କାରୁ ମାତ୍ର ୭୩ କୋଟି ୮୫ ଲକ୍ଷ ଟଙ୍କାର ସଦୁପଯୋଗ ହୋଇଛି । କିନ୍ତୁ ୧୪୪.୧୬ ଘଣ୍ଟା ଅର୍ଥାତ୍ ୮୬୫୬ ମିନିଟ୍ ପାଇଁ ୨୧୬ କୋଟି ୪୦ ଲକ୍ଷ ଟଙ୍କା ବେକାର ହୋଇ ଯାଇଛି ।

# ଓଡ଼ିଆ କ୍ରୀଡ଼ାବିତ ଓ ଯୁବକଙ୍କୁ କେନ୍ଦ୍ରର ଉପେକ୍ଷା

ସମ୍ବଲପୁର : ଅଲିମ୍ପିକରେ ବ୍ରୋଞ୍ଜ ବିଜେତା ଭାରତୀୟ ହକି ଦଳ ଉପ ଅଧିନାୟକ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କୁ ଡିଏସପି ପଦରେ ନିଯୁକ୍ତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ୨୦୧୫ ରୁ ଏ ସଂକ୍ରାନ୍ତ ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ ପରେ ଇତି ମଧ୍ୟରେ ଶତାଧିକ କ୍ରୀଡ଼ାବିତ ବିଭିନ୍ନ ସରକାରୀ ପଦରେ ନିଯୁକ୍ତି ପାଇଛନ୍ତି । ମାତ୍ର ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଦେଶକୁ ଗୌରବାନ୍ୱିତ କରିଥିବା ଖେଳାଳିମାନଙ୍କୁ ନିଯୁକ୍ତି ଦେବାକୁ ରାଜ୍ୟର ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡିକ ଯେପରି କାର୍ପଣ୍ୟ କରୁଛନ୍ତି ତାହା କ୍ରୀଡ଼ାବିତମାନଙ୍କୁ ନିରାଶ କରିଛି । ୫ ବର୍ଷ ତଳେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ତତ୍କାଳୀନ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ଦିଲ୍ଲୀପ ତିର୍କୀ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ରାଜ୍ୟରେ ଥିବା ରାଷ୍ଟ୍ରାୟତ୍ତ ସଂସ୍ଥା ଏମସିଏଲ (ବୁର୍ଲା), ଏନଟିପିସି ପାୱାର (ଦର୍ଲିପାଲି), ଏନଟିପିସି କୋଲ (ତୁଲାଙ୍ଗ), ଆରଏସପି (ରାଉରକେଲା), ପୋର୍ଟ ଟ୍ରଷ୍ଟ ଅଫ ଇଣ୍ଡିଆ (ପାରାଦ୍ୱୀପ), କୋରାପୁଟର ହାଲ, ଭୁବନେଶ୍ୱର ନାଲକୋରେ କ୍ରୀଡ଼ାବିତମାନଙ୍କୁ ନିଯୁକ୍ତି ଦେବା ନିମନ୍ତେ ଅନୁରୋଧ କରିଥିଲେ ହେଁ ଏ ଯାବତ୍ ସେ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ।

କ୍ରୀଡ଼ାବିତମାନଙ୍କୁ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ନେଇ କେନ୍ଦ୍ର ସରକାରଙ୍କ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ରହିଛି । କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ କ୍ରୀଡ଼ାବିତମାନଙ୍କୁ ନିଯୁକ୍ତି ନିମନ୍ତେ ପୂର୍ବରୁ ୫% ପର୍ଯ୍ୟନ୍ତ ସଂରକ୍ଷଣ ବ୍ୟବସ୍ଥା ରହିଥିଲା । ୨୦୨୦ ସେପ୍ଟେମ୍ବର ୧ତାରିଖରେ କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ବିଜ୍ଞପ୍ତିରେ କ୍ରିକେଟ, ଫୁଟବଲ, ହକି, ବ୍ୟାଡମିଣ୍ଟନ, ଗଲ୍ଫ, କରାଟେ, କବାଡି, ଜିମନାଷ୍ଟିକ, କୁସ୍ତି, ଭଲିବଲ, ଭାରୋତ୍ତଳନ ଆଦି ୬୩ ପ୍ରକାରର ଖେଳକୁ ସାମିଲ କରାଯାଇଥିଲା । ମାତ୍ର ଆନ୍ତର୍ଜାତିକ ସ୍ତରରେ ସଫଳ କ୍ରୀଡ଼ାବିତମାନଙ୍କୁ ସିଧାସଳଖ ନିଯୁକ୍ତି ନେଇ ଏଥିରେ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା । ଇତି ମଧ୍ୟରେ ଓଡ଼ିଶାର ବହୁ କ୍ରୀଡ଼ାବିତ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଦେଶ ପାଇଁ ଗୌରବ ଆଣିଛନ୍ତି । ମାତ୍ର ସେମାନଙ୍କୁ ରାଜ୍ୟର ରାଷ୍ଟ୍ରାୟତ୍ତର ସଂସ୍ଥାରେ ନିଯୁକ୍ତି ନେଇ କୌଣସି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ନାଲକୋ କର୍ତ୍ତୃପକ୍ଷ କିଛି କ୍ରୀଡ଼ାବିତଙ୍କୁ ନିଯୁକ୍ତି ଦେଇଛନ୍ତି ମାତ୍ର ଏହି ସଂଖ୍ୟା ଯଥେଷ୍ଟ କମ୍ । ଅନ୍ୟପକ୍ଷରେ ଏମସିଏଲ, ଆରଏସପି, ହାଲ, ଏନଟିପିସି, ପପିଟି ପରି ରାଷ୍ଟ୍ରାୟତ୍ତ ସଂସ୍ଥାରେ ନିକଟ ଅତୀତରେ କାହାରିକୁ ନିଯୁକ୍ତି ଦିଆଯିବାର ଦୃଷ୍ଟାନ୍ତ ନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାରା ଦେଶରେ ଓଡ଼ିଶାର ହକି ଖେଳାଳିମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି ଏବଂ ଏମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର । ସୁନ୍ଦରଗଡ଼ ଜିଲ୍ଲାରେ ଏମସିଏଲ, ଏନଟିପିସି ଓ ଆରଏସପି ପରି ତିନିତିନିଟି ରାଷ୍ଟ୍ରାୟତ୍ତ କମ୍ପାନୀ ରହିଥିଲେ ମଧ ସେମାନଙ୍କ ନିଯୁକ୍ତି ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ । ପୁରୁଷ ଓ ମହିଳା ହକି, ଫୁଟବଲ, ତୀରଚାଳନା, ରଗବୀ, ଚେସ୍ ଆଦି କ୍ଷେତ୍ରରେ ଓଡ଼ିଶାର ବହୁ କ୍ରୀଡ଼ାବିତ୍ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସଫଳତା ପାଇଛନ୍ତି । ସଫଳତା ନିମନ୍ତେ ସେମାନଙ୍କୁ କେନ୍ଦ୍ର ସରକାରଙ୍କ ମନ୍ତ୍ରୀ ଓ ନେତାମାନେ ଟ୍ୱିଟରରେ ଅଭିନନ୍ଦନ ଜଣାଉଛନ୍ତି, ପ୍ରଶଂସା କରୁଛନ୍ତି । ସେମାନଙ୍କ ଲାଗି ଦେଶ ଗର୍ବିତ ବୋଲି କହୁଛନ୍ତି, ମାତ୍ର କ୍ରୀଡ଼ା ପାଇଁ ନିଜର ଯୌବନକୁ ଉତ୍ସର୍ଗ କରୁଥିବା କ୍ରୀଡ଼ାବିତଙ୍କୁ ଉତ୍ତରକାଳରେ ପେଟପାଟଣା ନିମନ୍ତେ ଅତ୍ୟନ୍ତ କଷ୍ଟକର ସମୟ ଦେଇ ଗତି କରିବାକୁ ପଡୁଛି ।

ଓଡ଼ିଶାର ବହୁ ପ୍ରତିଭାବାନ କ୍ରୀଡ଼ାବିତମାନେ ସାଧାରଣ ପରିବାରର ତଥା ଆଦିବାସୀ ସମ୍ପ୍ରଦାୟ । କ୍ରୀଡ଼ା ପାଇଁ ସେମାନଙ୍କୁ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିଥାନ୍ତି, ଏହା ସତ୍ତ୍ୱେ ସେମାନଙ୍କୁ ଜୀବିକା ଓ ଜୀବନ ପାଇଁ ସଂଘର୍ଷ କରିବାକୁ ପଡେ । ଏପରିକି କ୍ରୀଡ଼ା ଜୀବନ ପରେ ପଛକୁ ଫେରି ଗୋଟାଏ ଚାକିରି କରିବା ଅସମ୍ଭବ ହୋଇ ପଡେ । କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡିକ ପ୍ରମୁଖ କ୍ରୀଡ଼ାବିତଙ୍କ ପାଇଁ ନିଯୁକ୍ତି ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରି ଦେଇଛନ୍ତି । ଯାହାକି ଓଡ଼ିଶା କ୍ରୀଡ଼ାବିତଙ୍କ ମଧ୍ୟରେ ହତାଶାଭାବ ସୃଷ୍ଟି କରିଛି ।

ସେହିପରି କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥାରେ ଚାକିରି କ୍ଷେତ୍ରରେ ଓଡ଼ିଆ ଯୁବକ ଯୁବତୀଙ୍କୁ ଅବହେଳା କରାଯାଉଛି । ୨୦୨୦-୨୧ ଆର୍ଥିକ ବର୍ଷରେ ନ୍ୟାସନାଲ କ୍ୟାରିୟର ସର୍ଭିସ୍ ବା ଏନସିଏସ ପୋର୍ଟାଲରେ ୧ ଲକ୍ଷ ୩୬ ହଜାର ଓଡ଼ିଆ ଯୁବକ ଯୁବତୀ ଚାକିରି ପାଇଁ ଆବେଦନ କରିଛନ୍ତି । ତେବେ ଏହି ଆବେଦନକାରୀ କୌଣସି ଜଣେହେଲେ ଓଡ଼ିଆଙ୍କୁ ଚାକିରି ଦିଆଯାଇ ନାହିଁ ।

ରାଜ୍ୟସଭା ସାଂସଦ ଡକ୍ଟର ଅମର ପଟ୍ଟନାୟକ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଶ୍ରମମନ୍ତ୍ରୀ ସଂସଦ ରେ ଏହା ସ୍ପଷ୍ଟ କରିଛନ୍ତି । ନ୍ୟାସନାଲ କ୍ୟାରିୟର ସର୍ଭିସ ପୋର୍ଟାଲ ଜରିଆରେ ବିଗତ ୩ ଟି ଆର୍ଥିକ ବର୍ଷରେ ଭାରତର କେତେକ ଯୁବକ ଯୁବତୀ ଚାକିରି ପାଇଁ ଆବେଦନ କରିଛନ୍ତି ଏବଂ ସେଥିରୁ ଓଡ଼ିଶାର ଆଶାୟୀଙ୍କ ସଂଖ୍ୟା କେତେ ତା'ର ହିସାବ ସହ କେତେ ଲୋକଙ୍କୁ ଚାକିରି ଦିଆଯାଇଛି ତା'ର ହିସାବ ଅମର ମାଗିଥିଲେ । (ଅବଶିଷ୍ଟାଂଶ ୧୧ମ ପୃଷ୍ଠାରେ)

# ପୂର୍ଣ୍ଣାଙ୍ଗ ଓ ସ୍ୱୟଂଶାସିତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ବିଜେପିର ଦାବି

ଭୁବନେଶ୍ୱର : ଏକ ପୂର୍ଣ୍ଣାଙ୍ଗ ଓ ସ୍ୱୟଂଶାସିତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ ଦାବିରେ ବିଜେପି ତରଫରୁ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିବା ସହ ଏହି ସ୍ଥିତିର ସମାଧାନ ପାଇଁ ହସ୍ତକ୍ଷେପ କରିବାକୁ ଦାବି କରାଯାଇଛି । ପଶ୍ଚିମ ଓଡ଼ିଶାର ସମସ୍ତ ବିଧାୟକ, ଜନ ପ୍ରତିନିଧି, ଦଳୀୟ ପଦାଧିକାରୀ ଏବଂ କାର୍ଯ୍ୟକର୍ତ୍ତାମାନେ ରାଜଭବନ ସମ୍ମୁଖରେ ବିକ୍ଷୋଭ ଏବଂ ଗଣଧାରଣା ପ୍ରଦର୍ଶନ କରିଥିଲେ ।

ସ୍ମାରକପତ୍ରରେ କୁହାଯାଇଛି ଯେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧିନିୟମ- ୨୦୦୦ ଧାରା ୩ (୪) ଅନୁଯାୟୀ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ଭୁବନେଶ୍ୱରରେ ନ ରଖି ପରିଷଦର ଅନ୍ତର୍ଗତ ଯେ କୌଣସି ଜିଲ୍ଲାର ସଦର ମହକୁମାରେ ସ୍ଥାପନ କରାଯାଉ । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧିନିୟମ - ୨୦୦୦ ଧାରା ୪ ଅନୁଯାୟୀ ସାଂସଦ/ ବିଧାୟକମାନଙ୍କୁ ମନୋନୀତ କରାଯାଇ ବିଶେଷଜ୍ଞ ସଦସ୍ୟଙ୍କ ନିଯୁକ୍ତି ସହ ପରିଷଦର ପୂର୍ଣ୍ଣାଙ୍ଗ କାଉନସିଲ ଗଠନକୁ ସଂପୂର୍ଣ୍ଣ କରାଯାଉ । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟାଳୟକୁ ସାଇନ ବୋର୍ଡ ମାଧ୍ୟମରେ ସୀମିତ ନ ରଖି ଉପଯୁକ୍ତ କ୍ଷମତା ପ୍ରାପ୍ତ ଅଧିକାରୀ, କର୍ମଚାରୀ ଓ ଭିତ୍ତିଭୂମି ଯୋଗାଇ ଦିଆଯାଉ । ଦୀର୍ଘ ମିଆଦି ଯୋଜନା ସହ ଜଳସେଚନ, ସ୍ୱାସ୍ଥ୍ୟ ଶିକ୍ଷା, ପାନୀୟ ଜଳ, ବିଦ୍ୟୁତକରଣ ପାଇଁ ଅଧିକ ପାଣ୍ଠିର ବ୍ୟବସ୍ଥା କରାଯାଉ । ଗ୍ରାମାଞ୍ଚଳର ବିକାଶ ପାଇଁ ଅତ୍ୟନ୍ତ ଅନୁନ୍ନତ ବ୍ଲକ, ଅନୁନ୍ନତ ବ୍ଲକ, ବିକାଶଶୀଳ ବ୍ଲକ ଓ ବିକଶିତ ବ୍ଲକର ସର୍ବାଙ୍ଗୀନ ଉନ୍ନତି ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ



କୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଦୀର୍ଘ ମିଆଦି ଯୋଜନା କରାଯାଉ । ଏହି ଅଞ୍ଚଳର ବିକାଶ ଧାରାକୁ ଆଗେଇ ନେବା ପାଇଁ ରାଜ୍ୟ ସରକାର ପ୍ରତିବର୍ଷ ୧୦୦୦ କୋଟି ଟଙ୍କା ପାଣ୍ଠିର ବ୍ୟବସ୍ଥା କରାଯାଉ । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧିନିୟମ ୨୦୦୦ର ବିରୁଦ୍ଧାଚରଣ କରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ଆନୁପାତିକ ହାରରେ ନିର୍ବାଚିତ ସାଂସଦ ଓ ବିଧାୟକ ତଥା ବିଶେଷଜ୍ଞଙ୍କ ଅନୁପସ୍ଥିତିରେ କେବଳ ଅଧକ୍ଷ ଓ ସିଇଓଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଉନ୍ନୟନ ମୂଳକ ପ୍ରକଳ୍ପକୁ ସ୍ୱତନ୍ତ୍ର ଅଡିଟ ସିଏଜିଙ୍କ ଦ୍ୱାରା କରାଯାଉ ଏବଂ ସିଏଜିଙ୍କ ମନ୍ତବ୍ୟ ଆସିବା ପର୍ଯ୍ୟନ୍ତ ସମସ୍ତ ପ୍ରକଳ୍ପକୁ ଅସିଦ୍ଧ ଘୋଷଣା କରାଯାଉ । ଷୋଡଶ ବିଧାନ ସଭାର ପଞ୍ଚମ ଅଧିବେଶନରେ ବିଜେପି ବିଧାୟକ ଡଃ ମୁକେଶ ମହାଲିଙ୍ଗଙ୍କ ଦ୍ୱାରା ଆଗତ ବେସରକାରୀ ସଦସ୍ୟ ବିଲ ଯଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧିନିୟମ - ୨୦୦୦ ଆଇନକୁ ବିଧାନ ସଭାରେ ସର୍ବ ସମ୍ମତି କ୍ରମେ ଗ୍ରହଣ କରାଯାଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସମସ୍ତ ସାଂସଦ/ ସମସ୍ତ ବିଧାୟକ ଓ ସମସ୍ତ ଜିଲ୍ଲା ପରିଷଦ ଅଧକ୍ଷଙ୍କୁ ଭୋଟିଂ ଅଧିକାର କ୍ଷମତା ପ୍ରଦାନ କରାଯିବା ସହ ଏକ ପୂର୍ଣ୍ଣାଙ୍ଗ ସ୍ୱୟଂ ଶାସିତ ସ୍ଥାୟୀ ପରିଷଦ ଗଠନ କରାଯାଉ ।

ତେଣୁ ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାରେ ସର୍ବାଙ୍ଗୀନ ବିକାଶ କରି ଆଞ୍ଚଳିକ ବୈଷମ୍ୟ ହ୍ରାସ କରିବା ପାଇଁ ବ୍ୟକ୍ତିଗତ ଭାବରେ ହସ୍ତକ୍ଷେପ କରି ସ୍ଥାଣୁ ଥିବା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଗଣତାନ୍ତ୍ରିକ ପଦ୍ଧତିରେ ଢାଞ୍ଚାଗତ ପରିବର୍ତ୍ତନ କରି ଏହାକୁ ଏକ ସଂପୂର୍ଣ୍ଣ ସ୍ୱୟଂ ଶାସିତ ସ୍ଥାୟୀ ବିକାଶ ପରିଷଦ ଭାବରେ ଗଠନ କରିବା ପାଇଁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି । ଏହି ବିକ୍ଷୋଭ ଓ ଗଣଧାରଣା କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ନାଉରୀ ନାଏକ, ଡକ୍ଟର ମୁକେଶ ମହାଲିଙ୍ଗ, ସୁବାଷ ପାଣିଗ୍ରାହୀ, ଭବାନୀ ଶଙ୍କର ଭୋଇ, କୁସୁମ ଟେଟେ, ଶଙ୍କର ଓରାମ, ରାଜ୍ୟ ସାଧାରଣ ସଂପାଦକ ତଥା ପୂର୍ବତନ ବିଧାୟକ ରବି ନାଏକ, ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ ଓ ସୀମାଞ୍ଚଳ ଖଟେଇ, କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ବରିଷ୍ଠ ନେତା ରଂଜନ ପଟେଲ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ ଆଚାର୍ଯ୍ୟ, ସମ୍ବଲପୁର ଜିଲ୍ଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ବଲାଙ୍ଗୀର ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ମହାନନ୍ଦ, ବରଗଡ଼ ଜିଲ୍ଲା ପରିଷଦ ଅଧକ୍ଷା ଉଷା କୁମାରୀ, ବଲାଙ୍ଗୀର ଜିଲ୍ଲା ସଭାପତି ଶିବାଜୀ ପଟ୍ଟନାୟକ, ନୂଆପଡ଼ା ଜିଲ୍ଲା ସଭାପତି ସୁବ୍ରତ ଠାକୁର, କଳାହାଣ୍ଡି ଜିଲ୍ଲା ସଭାପତି ଦେବେନ୍ଦ୍ର ମହାନ୍ତି, ସୁବର୍ଣ୍ଣପୁର ଜିଲ୍ଲା ସଭାପତି ପ୍ରମୋଦ ମହାପାତ୍ର, ବୌଦ୍ଧ ଜିଲ୍ଲା ସଭାପତି ବିପ୍ରଚରଣ ମହାନ୍ତି, ପାନପୋଷ ଜିଲ୍ଲା ସଭାନେତ୍ରୀ ଲତିକା ପ୍ରଧାନଙ୍କ ସମେତ ସମସ୍ତ ଜିଲ୍ଲା ପରିଷଦ ଉପାଧକ୍ଷ ଏବଂ ପଶ୍ଚିମ ଓଡ଼ିଶା ଅନ୍ତର୍ଗତ ଜିଲ୍ଲାମାନଙ୍କରୁ ବହୁ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।

## ଏ ସଂଖ୍ୟାରେ..



ମୂଳା ପତ୍ରର ଔଷଧୀୟ ଗୁଣ



ଲୋ ବ୍ଲଡପ୍ରେସର ଓ ଅଙ୍ଗୁର



ବହୁ ଲାଭକାରୀ ଅଶ୍ୱତ୍ଥ ପତ୍ର



ସ୍ୱାସ୍ଥ୍ୟୋପଯୋଗୀ ଟମାଟୋ ଜୁସ୍



ଲୁଣର ଉପକାରିତା

# ନିଜସ୍ୱ ପାଣ୍ଠିରେ ଓଡ଼ିଶା ବିଛାଇବ ଗୋପାଳପୁର-ସମ୍ବଲପୁର ରେଳପଥ

ଭୁବନେଶ୍ୱର: ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାକୁ ଯୋଡ଼ିବା ନିମନ୍ତେ ରାଜ୍ୟ ସରକାରଙ୍କ ଦୀର୍ଘଦିନର ଦାବି କେନ୍ଦ୍ର ସରକାରଙ୍କ ନାଲି ଫିତା ତଳେ ଚାପି ହୋଇ ରହିଛି । ବାରମ୍ବାର ଦାବି ସତ୍ତ୍ୱେ କେନ୍ଦ୍ର ସରକାର ଓ ରେଳ ମନ୍ତ୍ରଣାଳୟ ଏହାପ୍ରତି କର୍ଣ୍ଣପାତ କରୁନାହାନ୍ତି । ୧୯୯୦ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସମ୍ବଲପୁର-ବ୍ରହ୍ମପୁର ରେଳପଥ ନିର୍ମାଣ ଲାଗି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ଏହାପରେ ରେଳ ମନ୍ତ୍ରଣାଳୟ ୩ଥର ଏହି ପ୍ରକଳ୍ପର ସର୍ବେକ୍ଷଣ କରିଛି । ମାତ୍ର ରେଳପଥ ନିର୍ମାଣ ନିମନ୍ତେ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଇ ପାରି ନାହିଁ । ପିଙ୍କ ବୁକରେ ସ୍ଥାନ ପାଇଥିବା ହେତୁ କେବଳ 'ଟୋକନ ମନି' ଭାବରେ ଏହି ପ୍ରକଳ୍ପ ନିମନ୍ତେ ୨୦୧୮ରୁ ୨୦୨୦ ମଧ୍ୟରେ ମାତ୍ର ୨୫ ଲକ୍ଷ ଟଙ୍କା ଅନୁଦାନ ମିଳିଛି । କେନ୍ଦ୍ର ସରକାରଙ୍କ ଏପରି ନକରାତ୍ମକ ଆଭିମୁଖ୍ୟ ହେତୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିକାଶ ନିମନ୍ତେ ନିଜସ୍ୱ ଅର୍ଥ ବ୍ୟୟ କରି ସମ୍ବଲପୁର-ଗୋପାଳପୁର ରେଳ ପଥ ନିର୍ମାଣ ଲାଗି ରାଜ୍ୟ ସରକାର ଆପାତତଃ ନିଷ୍ପତ୍ତି ନେଇଛନ୍ତି । ୨୭୫ କିଲୋମିଟରର ଏହି ରେଳପଥ ନିର୍ମାଣ ହେଲେ ୫ ଜିଲ୍ଲାର ବିକାଶ କେବଳ ତ୍ୱରାନ୍ୱିତ ହେବ ନାହିଁ, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ଗମନାଗମନ ଦୂରତ୍ୱ ଏବଂ ସାମଗ୍ରୀ ପରିବହନ ବ୍ୟୟ ମଧ ହ୍ରାସ ପାଇବ । ରାଜ୍ୟ ସରକାର ଏହି ପ୍ରସ୍ତାବିତ ରେଳପଥର ବିସ୍ତୃତ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ଓଡ଼ିଶା ରେଳ ଇନଫ୍ରାଷ୍ଟ୍ରକଚର ଡେଭଲପମେଣ୍ଟ ଲିମିଟେଡକୁ ପ୍ରଦାନ କରିଛନ୍ତି । ହାଇଦ୍ରାବାଦର ଏକ ସଂସ୍ଥା ଏହାର ଡିପିଆଇ ପ୍ରସ୍ତୁତ କରୁଛି । ଆସନ୍ତା ନଭେମ୍ବର ମାସ ଶେଷ ସୁଦ୍ଧା ଏହି ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ । ପ୍ରଥମ ଥର ପାଇଁ ଏହି ରେଳ ପ୍ରକଳ୍ପ ସର୍ବେକ୍ଷଣ ନିମନ୍ତେ ଲାଇଡର କୌଶଳ ଅବଲମ୍ବନ କରାଯାଇ ହେଲିକପ୍ଟର ଏବଂ ଡ୍ରୋନ ବ୍ୟବହାର କରାଯାଉଛି ।

ସୂଚନା ଅନୁସାରେ ପ୍ରସ୍ତାବିତ ୨୭୫ କି.ମି ରେଳପଥ ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ସମ୍ବଲପୁର ଏବଂ ଅନୁଗୁଳ ଜିଲ୍ଲାକୁ ସଂଯୋଗ କରିବ । ରେଳପଥରେ ମଧ୍ୟରେ ୫ଟି ବଡ଼ ଟନେଲ ୩୮ଟି ବୃହତ ସେତୁ, ୧୮୪ ଛୋଟ ସେତୁ ସହିତ ୨୦ଟି ଷ୍ଟେସନ ରହିବ । ପ୍ରକଳ୍ପର ରେଟ୍ ଅଫ୍ ରିଟର୍ଣ୍ଣ ୧୪.୧୨ ଥିବାରୁ ପ୍ରକଳ୍ପ ଆର୍ଥିକ ଅଭିବୃଦ୍ଧି ପାଇଁ ଉପାଦେୟ ହୋଇ ପାରିବ । ପ୍ରକଳ୍ପ ପଥରେ ୭୩୪.୯୨ ହେକ୍ଟର ଚାଷ ଜମି ଥିବା ବେଳେ ୩୨୪.୬୩ ହେକ୍ଟର ଜଙ୍ଗଲ ଜମି ରହିଛି । ଜମି କ୍ଷତିପୂରଣ ରେଳ ପଥ ନିର୍ମାଣ ନିମନ୍ତେ ପ୍ରାୟ ୨୯୫୭.୪୫ କୋଟି ଟଙ୍କା ବ୍ୟୟହେବ । ରେଳବାଇ ପ୍ରକଳ୍ପ ନିର୍ମାଣ ପାଇଁ ସବୁଜ ସଙ୍କେତ ପ୍ରଦାନ କଲେ ଓଆରଆଇଡିଏଲ ବ୍ୟାଙ୍କରୁ ଋଣ ଆଣି କାମ ଆରମ୍ଭ କରିବ । ମାଲ ପରିବହନରୁ ଯେଉଁ ରାଜସ୍ୱ ମିଳିବ ସେଥିରେ ବ୍ୟାଙ୍କ ଋଣ ପରିଶୋଧ କରାଯିବ । ଗୋପାଳପୁରକୁ ଲାଇନ୍ ସଂଯୋଗ ହେଉଥିବାରୁ ପାରାଦ୍ୱୀପ ବନ୍ଦର ଉପରୁ ଚାପ ହ୍ରାସ ପାଇବ । ପଣ୍ୟ ବିଦେଶକୁ ରପ୍ତାନି ଓ ବିଦେଶରୁ ଆମଦାନୀ କାର୍ଯ୍ୟ ସହଜସାଧ ହେବ । ଗମନାଗମନ କ୍ଷେତ୍ର ଅଧିକ ସୁଗମ ହେବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ରେଳପଥ ପରିଚାଳନା ସମ୍ପୂର୍ଣ୍ଣ ରୂପେ ରାଜ୍ୟ ସରକାରଙ୍କ ଦ୍ୱାରା କରାଯିବ । କେବଳ ରେଳ ପରିଚାଳନା କାର୍ଯ୍ୟକୁ ବାଦ୍ ଦେଲେ ଅନ୍ୟ ସମସ୍ତ ବିଭାଗରେ ଓଡ଼ିଶା ସରକାରଙ୍କ କର୍ମଚାରୀ କାର୍ଯ୍ୟ କରିବେ ।

ପ୍ରାରମ୍ଭିକ ଆକଳନ ଅନୁସାରେ ଚକାପାଦ- ଜାଗରପେଟା ମଧ୍ୟରେ ୬ କି.ମି ଲମ୍ବର ଟନେଲ ଥିବା ବେଳେ ଫୁଲବାଣୀ ଲକଡ଼ପାଜୁ ମଧ୍ୟରେ ୨.୧୧୦ କିମି ଲମ୍ବର ଟନେଲ, ଲକଡ଼ପାଜୁ-ସୁନାମୁଣ୍ଡି ମଝିରେ ୨.୧୩ କିମି ଲମ୍ବର ଟନେଲ ରହିଛି । ବୌଦ୍ଧ ଜିଲ୍ଲାର କଦଳିଗଡ଼ ଠାରେ ମହାନଦୀ ଉପରେ ଏକ ବୃହତ୍ ସେତୁ, ଆସ୍କା ଭଞ୍ଜନଗର ମଝିରେ ଋଷିକୁଲ୍ୟା ନଦୀ ଉପରେ ବୃହତ ସେତୁ ନିର୍ମାଣ କରାଯିବ । ସମ୍ବଲପୁର- ଗୋପାଳପୁର ମଧ୍ୟରେ ଏହି ଲାଇନକୁ ତିନି ଭାଗରେ ବିଭକ୍ତ କରାଯାଇଛି । ୨୪୦ କିମି ଲମ୍ବ ରେଳପଥ ରେଢ଼ାଖୋଲରୁ ଜଗନ୍ନାଥପୁର ଭାୟା ବୌଦ୍ଧ, ଫୁଲବାଣୀ, ଚକାପାଦ, ଭଞ୍ଜନଗର, ଆସ୍କା, ହିଞ୍ଜିଳିକାଟୁ ମଧ୍ୟରେ ରହିବ । ସେହିପରି ଦ୍ୱିତୀୟ ଭାଗରେ କଦଳିଗଡ଼ରୁ ବାମୁର ମଧ୍ୟରେ ୨୫ କିମି ଏବଂ ତୃତୀୟ ଭାଗରେ ଜଗନ୍ନାଥପୁରରୁ ଗୋପାଳପୁର ମଧ୍ୟରେ ୧୦ କି.ମି ରହିବ । ତୃତୀୟ ଭାଗ ଗୋପାଳପୁର ବନ୍ଦରକୁ ଯୋଡ଼ିବ । ସମ୍ବଲପୁର ସିଟି ଷ୍ଟେସନକୁ ଏହି ରେଳପଥ ସଂଯୋଗ କରାଗଲେ ଝାରସୁଗୁଡ଼ାରୁ ମାଲ ପରିବହନ ସୁଗମ ହେବ । ସେହିପରି ବାମୁର ତାଳଚେରର କଳକାରଖାନା ଗୁଡିକୁ ନୂଆ ରେଳ ଲାଇନ ସହ ଯୋଡ଼ିବ । ଅପରପକ୍ଷରେ ଗୋପାଳପୁର, ଜଗନ୍ନାଥପୁର, କୁକୁଡ଼ାଖଣ୍ଡି, ହିଞ୍ଜିଳିକାଟୁ, ଆସ୍କା, ଖଣ୍ଡାରବାଲି, ବାସୁଦେବପୁର, ଭଞ୍ଜନଗର, ମୁର୍ଜାଗଡ଼, ବଡାଙ୍ଗି, ଚକାପାଦ, ଜାଗରପେଟା, ଫୁଲବାଣୀ, ଲକଡପାଜୁ, ସୁନାମୁଣ୍ଡି, ମୁଣ୍ଡାପଡ଼ା, ବୌଦ୍ଧ, କଦଳିଗଡ଼, ରେଢ଼ାଖୋଲ ଏବଂ ବାମୁର ଷ୍ଟେସନ ନିର୍ମାଣ କରାଯିବ ।

## ୧୯ ଜିଲ୍ଲାରେ ମନ୍ତ୍ରୀ ପତାକା ଉଡାଇବେ

ଭୁବନେଶ୍ୱର: କୋଭିଡ କଟକଣା ମଧ୍ୟରେ ରାଜ୍ୟବ୍ୟାପୀ ସ୍ୱାଧୀନତା ଦିବସ ପାଳନ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି । ୧୯ ଟି ଜିଲ୍ଲାରେ ମନ୍ତ୍ରୀ ପତାକା ଉତ୍ତୋଳନ କରିବାକୁ ଥିବା ବେଳେ ୧୧ ଜିଲ୍ଲାରେ ଜିଲ୍ଲାପାଳ ପତାକା ଉତ୍ତୋଳନ କରିବେ ।

ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବରଗଡ଼ରେ ପତାକା ଉତ୍ତୋଳନ କରିବାକୁ ଥିବାବେଳେ ସୁନ୍ଦରଗଡ଼ରେ କୃଷିମନ୍ତ୍ରୀ ଡକ୍ଟର ଅରୁଣ କୁମାର ସାହୁ, ବଲାଙ୍ଗୀରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, କଳାହାଣ୍ଡିରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ପତାକା ଉତ୍ତୋଳନ କରିବେ ।

ନୂଆପଡ଼ାରେ ଗୃହରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ସମ୍ବଲପୁରରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଅନୁଗୁଳରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସୋନପୁରରେ ଦକ୍ଷତା ବକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ପତାକା ଉତ୍ତୋଳନ କରିବାର କାର୍ଯ୍ୟକ୍ରମ ରହିଛି । ସେହିପରି ରାଉରକେଲାରେ ଉତ୍ତରାଞ୍ଚଳ ଆରଡିସି ପତାକା ଉତ୍ତୋଳନ କରିବେ ।

## ଏସ୍‌ପିଙ୍କୁ ମାନବାଧିକାର କମିଶନଙ୍କ ରିପୋର୍ଟ ତଲବ

ଝାରସୁଗୁଡ଼ା : ସୂଚନା ଅଧିକାର କର୍ମୀ ସତ୍ୟନାରାୟଣ ରାଓଙ୍କ ଗିରଫଦାରିକୁ ନେଇ ମାନବାଧିକାର କର୍ମୀ ଅଖଣ୍ଡ ଜାତୀୟ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାକୁ ମାନବାଧିକାର କମିଶନ ଗୁରୁତର ସହ ନେଇ ଜଣେ ସୂଚନା ଅଧିକାର କର୍ମୀଙ୍କ ନାମରେ ମିଥ୍ୟା ଆରୋପ ଲଗାଇ ମାମଲା ରୁଜୁକରି ଗିରଫ କରିବା ଅତ୍ୟନ୍ତ ସଙ୍ଗିନ ବୋଲି କହିଥିଲେ । ଏ ନେଇ ମାନବାଧିକାର କମିଶନ ସୂଚନା ଅଧିକାର କର୍ମୀ ରାଓଙ୍କ ମାନବାଧିକାର କ୍ଷୁର୍ଣ୍ଣ ହୋଇଥିବା ଦର୍ଶାଇ ଝାରସୁଗୁଡ଼ା ଏସ.ପି.ଙ୍କୁ ୪ ସପ୍ତାହ ମଧ୍ୟରେ ରିପୋର୍ଟ ତଲବ କରିଛନ୍ତି । ସୂଚନାଯୋଗ୍ୟ ସୂଚନା ଅଧିକାର କର୍ମୀ ରାଓ ଝାରସୁଗୁଡ଼ା ପୌର ପରିଷଦକୁ ଆରଟିଆଇ ମାଧ୍ୟମରେ କେତେକ ତଥ୍ୟ ମାଗିଥିଲେ । ଏ ସମ୍ପର୍କରେ ଜାଣିବା ପାଇଁ ସେ ପୌର କାର୍ଯ୍ୟାଳୟରେ ପହଞ୍ଚି ନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ଏହି ସମୟରେ ନିର୍ବାହୀ ଅଧିକାରୀ ତାଙ୍କୁ ଗାଳିଗୁଲଜ ଓ ଧମକ ଦେଇଥିବା ନେଇ ସୂଚନା ଅଧିକାର କର୍ମୀ ରାଓ ପୋଲିସରେ ଅଭିଯୋଗ କରିଥିଲେ । ପୋଲିସ ଏହାର ତଦନ୍ତ ନ କରି ସୂଚନା ଅଧିକାର କର୍ମୀଙ୍କୁ ଗତ ଜୁନ ୨୫ ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ଆବେଦନ ଖାରଜ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା ।

# ଜଷ୍ଟିସ୍ ସିଆର୍ ପାଲ କମିସନଙ୍କ ରିପୋର୍ଟ ଅନୁଧାନ କରାଯାଉଛି: ସରକାର

ଭୁବନେଶ୍ୱର : ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପ୍ରସଙ୍ଗରେ ଜଷ୍ଟିସ ସି.ଆର ପାଲ କମିସନଙ୍କ ରିପୋର୍ଟ ଏବେ ମଧ ସରକାରଙ୍କ ବିଚାରାଧୀନ ରହିଛି । ଜିଷ୍ଟିସ ସି.ଆର.ପାଲ କମିସନ ରିପୋର୍ଟକୁ ସରକାର ତର୍ଜମା ଅନୁଧାନ କରୁଛନ୍ତି । ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଂଗ ସଂପର୍କିତ ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୃହ ବିଭାଗ ଯୁଗ୍ମ ସଚିବ ସମରେନ୍ଦ୍ର ଧଳ ହାଇକୋର୍ଟରେ ଦାଖଲ କରିଥିବା ଜବାବରେ ଏଭଳି ତଥ୍ୟ ଉଲ୍ଲେଖ କରାଯାଇଛି ।

ସତ୍ୟପାଠରେ ଦର୍ଶାଯାଇଛି ଯେ, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଂଗରେ ବିଭିନ୍ନ ଦିଗ ଅନୁଧାନ କରିବାକୁ କମିଟି ଗଠନ କରି ରାଜ୍ୟ ସରକାର ୨୦୧୯, ମାର୍ଚ୍ଚ ୮ ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ । କମିଟି ଗଠନ ପ୍ରସଂଗରେ ରାଜ୍ୟ ସରକାରଙ୍କ ଭୂମିକାକୁ ଆବେଦନକାରୀ ଭୁଲ ଅର୍ଥ କରୁଛନ୍ତି । ଏପରି କମିଟି ଗଠନ, ପୁର୍ନଗଠନ ରାଜ୍ୟ ସରକାର କରିଛନ୍ତି । କିନ୍ତୁ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଭୂମିକା ନିର୍ଣ୍ଣୟ କର୍ତ୍ତା ନୁହେଁ । ନ୍ୟାୟପାଳିକାର କାର୍ଯ୍ୟ ପରିସର, ଅଧିକାର କେବେ ଦଖଲ କରିବାକୁ ରାଜ୍ୟ ସରକାର ଉଦ୍ୟମ କରି ନାହାନ୍ତି । ଭାରତର ସମ୍ବିଧାନ ଓ ହାଇକୋର୍ଟଙ୍କ ପ୍ରତି ସରକାରଙ୍କର ବହୁତ ସମ୍ମାନ ରହିଛି । ସାମ୍ବିଧାନିକ କର୍ତ୍ତୃପକ୍ଷ, ଅନୁଷ୍ଠାନ ଓ ସଂସ୍ଥାର ଭୂମିକା ଓ ଦାୟିତ୍ୱ କ୍ଷେତ୍ରକୁ କେବେ ବି ସରକାର ବଳପୂର୍ବକ ଅଧିକାର କରିବାକୁ ଉଦ୍ୟମ କରି ନାହାନ୍ତି । ଗଣତାନ୍ତ୍ରିକ ବ୍ୟବସ୍ଥା ଭିତରେ ରାଜ୍ୟ ସରକାର ସବୁ ବେଳେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଜନସାଧାରଣଙ୍କ ଆଶା ଓ ଅଭିଳାଷ ପୂରଣ ପାଇଁ ମାଧ୍ୟମ ଭାବେ ଭୂମିକା ନିର୍ବାହ କରୁଛନ୍ତି ।

ଏହି ପ୍ରସଙ୍ଗରେ ସରକାର ଚାପରେ ରହିଛନ୍ତି ବୋଲି ଆବେଦନକାରୀ କରିଥିବା ଅଭିଯୋଗକୁ ସତ୍ୟପାଠରେ ଅସ୍ୱୀକାର କରାଯାଇଛି । କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର କୌଣସି ପ୍ରକାର ଚାପ ଅଧିନରେ ସରକାର ନାହାନ୍ତି । ଅନ୍ୟପକ୍ଷରେ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ପ୍ରଶାସନିକ ସ୍ତରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରି ସର୍ବସାଧାରଣ ସେବା ଓ କାର୍ଯ୍ୟାଳୟ ଗୁଡିକରେ ସ୍ୱାଭାବିକ କାର୍ଯ୍ୟ ସଂପାଦନ ସୁନିଶ୍ଚିତ କରିଛନ୍ତି ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି । ଆଇନ ଅନୁସାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଂଗକୁ ନେଇ କମିଟି ଗଠନ କରାଯାଇଛି । ଏଭଳି ସ୍ଥିତିରେ କମିଟି ଗଠନ ବିଜ୍ଞପ୍ତିକୁ ଚାଲେଞ୍ଜ କରି ଦାୟର ମାମଲା ଗ୍ରହଣୀୟ ନୁହେଁ ବୋଲି ସରକାରଙ୍କ ଜବାବରେ ଦର୍ଶାଯାଇଛି । କିନ୍ତୁ ୨୦୧୯, ମାର୍ଚ୍ଚ ୮ ଓ ୨୦୧୯, ଅଗଷ୍ଟ ୨୮ର ବିଜ୍ଞପ୍ତିରେ ପ୍ରଦାନ କରାଯାଇଥିବା ଦାୟିତ୍ୱ ଆଧାରରେ କମିଟିର କଣ କାର୍ଯ୍ୟ କରିବାର ସୁଯୋଗ ରହିଛି ସେ ନେଇ ସତ୍ୟପାଠରୁ କିଛି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ ।

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଂଗକୁ ନେଇ ରାଜ୍ୟ ସରକାର ଗଠନ କରିଥିବା କମିଟିର ବୈଧତାକୁ ଚାଲେଞ୍ଜ କରି ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାରେ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟ ୨୦୨୧ ମାର୍ଚ୍ଚ ୩୦ ରେ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୨୦୧୯ ମାର୍ଚ୍ଚ ୮ ଓ ୨୦୧୯ ଅଗଷ୍ଟ ୨୮ର ବିଜ୍ଞପ୍ତିରେ ପ୍ରଦାନ କରାଯାଇଥିବା ଦାୟିତ୍ୱ ଆଧାରରେ କମିଟିର କ'ଣ କାର୍ଯ୍ୟ କରିବାର ସୁଯୋଗ ରହିଛି ସେ ନେଇ ସତ୍ୟପାଠରେ ସ୍ପଷ୍ଟ କରିବାକୁ ହାଇକୋର୍ଟ କହିଥିଲେ । ମାମଲାର ପରବର୍ତ୍ତୀ ଶୁଣାଣୀ ଅକ୍ଟୋବର ୨୭କୁ ଧାର୍ଯ୍ୟ କରାଯାଇଛି ।

# ଭାଗବତ

## ଉଦ୍ଧବାଗମନ ପ୍ରସଙ୍ଗ

ଗୋପୀମାନଙ୍କର ଉଦ୍ଧବଙ୍କ ଠାରୁ ଜ୍ଞାନାର୍ଜନ ହୋଇଗଲେ ମୋ ବିରହ ସେମାନଙ୍କୁ ସନ୍ତପ୍ତ କରିବ ନାହିଁ । ମୁଁ ସେମାନଙ୍କର ସମୀପରେ ଅଛି ବୋଲି ଅନୁଭବ ହୋଇଯିବ । ଗୋପୀଙ୍କର ଆଉ ଉଦ୍ଧବଙ୍କର, ଦୁହିଁଙ୍କର କଲ୍ୟାଣ ହେବ ମୁଁ ଚାହେଁ । ଏହା ଥିଲା ଶ୍ରୀକୃଷ୍ଣଙ୍କର ଉଦ୍ଦେଶ୍ୟ । କେତେକ ସାଧୁ ଉଦ୍ଧବଙ୍କର ବ୍ରଜଗମନ ପ୍ରସଙ୍ଗ ପଢୁ ପଢୁ ଦିନ ଦିନ ଧରି ସମାଧିସ୍ଥ ହୋଇ ଯାଉଥିଲେ ।

ଗୁରୁକୁଳର ବିଦ୍ୟାଧ୍ୟୟନ ସମାପ୍ତ କରି କୃଷ୍ଣଚନ୍ଦ୍ର ମଥୁରାକୁ ଆସିଲେ । ରଜା ଉଗ୍ରସେନ ଜଣେ ବିବେକୀ ରଜା ଥିଲେ । ସେ ଶ୍ରୀକୃଷ୍ଣଙ୍କୁ କହିଲେ- 'ଏ ସମସ୍ତ ରାଜ୍ୟ ହେଉଛି ଆପଣଙ୍କର । ମୁଁ ଆପଣଙ୍କର ସେବକ । ଆପଣଙ୍କ ଆଦେଶ ମୋ ଶିରୋଧାର୍ଯ୍ୟ ହେବ ।

ଏଥର ଶ୍ରୀକୃଷ୍ଣଙ୍କର ଗୋକୁଳ ଲୀଳା ସମାପ୍ତ ହୋଇ ମଥୁରା ଲୀଳା ଆରମ୍ଭ ହୋଇଗଲା । ବର୍ତ୍ତମାନ ଶ୍ରୀକୃଷ୍ଣ ମଥୁରାନାଥ ହୋଇଗଲେ । ଏଠାରେ ଐଶ୍ୱର୍ଯ୍ୟ ହେଉଛି ପ୍ରଧାନ । ଗୋକୁଳର ଗୋପାଳ ଏବେ ମଥୁରାର ଅଧିପତି । ଗୋରୁ ପାଳନ କହ୍ନେଇଙ୍କୁ ଏବେ ଅନେକ ଦାସ-ଦାସ ସେବା କରିବାରେ ଲାଗିଛନ୍ତି । ଉଦ୍ଧବ ମଧ ଶ୍ରୀ ଅଙ୍ଗର ସେବା କରୁଥାଆନ୍ତି । ସମସ୍ତ ପ୍ରକାର ସୁଖ ଆଉ ଐଶ୍ୱର୍ଯ୍ୟ ପାଦରେ ହିଁ ରହିଥାଏ ।

ଜୀବନ ଐଶ୍ୱର୍ଯ୍ୟମୟ ହୋଇଗଲା ସତ, ମାତ୍ର ଭଗବାନ ବ୍ରଜବାସୀଙ୍କର ପ୍ରେମ ଆଦୌ ଭୁଲି ପାରିଲେ ନାହିଁ । ରାଜପ୍ରାସାଦର ପ୍ରାଙ୍ଗଣରେ ବସି ସେ ଗୋକୁଳର ଦୃଶ୍ୟ ମାନସଚକ୍ଷୁରେ ଦର୍ଶନ କରିବାରେ ଲାଗିଲେ । ସେ ସବୁବେଳେ ଯଶୋଦାଙ୍କୁ ମନେ ପକାଉଥିଲେ । ସେ ମୋତେ ଅପେକ୍ଷା କରିଥିବେ, ସେ ମୋ ପାଇଁ କାନ୍ଦୁଥିବେ, ସରକାରୀ ମାତା ମୋ କଥାକୁ ବିଶ୍ୱାସ କରି ମୋ ବାଟକୁ ଚାହିଁଥିବେ । ମୋର ପ୍ରିୟ ଗାଈ ବାଛୁରିମାନେ କ'ଣ କରୁଥିବେ ? ସେମାନେ ମଥୁରା ଆଡ଼କୁ ଚାହିଁ ବୋବାଳି ନିଶ୍ଚୟ ପକାଉଥିବେ । ମୋ ବାବା ବି ମୋତେ ତ ମନେ ପକାଉଥିବେ । କୃଷ୍ଣଚନ୍ଦ୍ର ଏହିପରି



ଗୋକୁଳ କଥା ମନେ ପକାଉ ଥାନ୍ତି ଆଉ ବେଳେ ବେଳେ କାନ୍ଦୁଥାନ୍ତି ମଧ । ମଥୁରାରେ ଐଶ୍ୱର୍ଯ୍ୟ ଥିଲା, ହେଲେ ପ୍ରେମ ନ ଥିଲା । ପ୍ରଭୁଙ୍କର ତାଙ୍କୁ ପ୍ରେମ କରିବା ଲୋକର ଆବଶ୍ୟକତା ଥାଏ, ତାଙ୍କର ଐଶ୍ୱର୍ଯ୍ୟ ପ୍ରେମ ନ ଥାଏ । ଶ୍ରୀକୃଷ୍ଣ ବ୍ରଜବାସୀଙ୍କ କଥା ବାରମ୍ବାର ମନେ ପକାଇ କାନ୍ଦୁଥିଲେ । ମାତା, ପିତା ଗୋପୀ, ଗାଈ ଆଦିଙ୍କ କଥା ତାଙ୍କର ମନେ ପଡୁଥିଲା, ଆଉ ସେ କାନ୍ଦି ପକାଉଥିଲେ । ମଣିଷ ପରମାତ୍ମାଙ୍କୁ ସ୍ମରଣ କରିବା ହେଉଛି ସାଧାରଣ ଭକ୍ତି । କିନ୍ତୁ ଯେଉଁ ମଣିଷଙ୍କୁ ଭଗବାନ ସ୍ୱୟଂ ସ୍ମରଣ କରନ୍ତି ସେ ହିଁ ହୋଇଥାଏ ଅସାଧାରଣ ଭକ୍ତି । ସେପରି ଭକ୍ତ ହିଁ ଶ୍ରେଷ୍ଠ ହୋଇଥାଏ । ଭକ୍ତି ଏପରି କରିବା କଥା ଯଦ୍ୱାରା ଭଗବାନ ଆମକୁ ସ୍ମରଣ କରିପାରିବେ ।

ସନ୍ଧ୍ୟା ହେଲାମାତ୍ରେ ଉଦ୍ୟାନରେ ବସି ବ୍ରଜବାସୀଙ୍କ କଥା ମନେ ପକାଇ ପକାଇ ନିରବରେ ଅଶ୍ରୁ ଗଡ଼ାଇବା ଶ୍ରୀକୃଷ୍ଣଙ୍କର ଯେପରି ଦୈନନ୍ଦିନ କାର୍ଯ୍ୟକ୍ରମ ହୋଇ ଯାଇଥାଏ । ପ୍ରେମର ବିରହରେ, ସ୍ମରଣରେ ତଲ୍ଲୀନ ଆଖିରୁ ଲୁହ ଗଡ଼ାଇଲେ ଦୁଃଖ ଲାଗିବ ହୋଇଥାଏ । ଉଦ୍ଧବ ଏପରି କଥା ଜାଣିବା ପରେ ଚିନ୍ତାରେ ପଡ଼ିଗଲେ । ସ୍ୱର୍ଣ୍ଣମୟ ରାଜପ୍ରସାଦ, ସେବାରତ ଅସଂଖ୍ୟ ଦାସ ଦାସୀ, ଛପନ ଭୋଗଯୋଗ୍ୟ ସାମଗ୍ରୀ, ଏତେ ଐଶ୍ୱର୍ଯ୍ୟ, ତେବେ ବି ତାଙ୍କୁ କି ପ୍ରକାରେ ଦୁଃଖୀ ସନ୍ତପ୍ତ କରୁଛି, କନ୍ଦାଉଛି ? ଆମ ସେବାରେ ଆଉ ତ୍ରୁଟି ରହିଯାଉଛି କି ?

ସେବକ ଯଦି ସ୍ୱୟଂ ସୁଖ ଭୋଗ କରିବା ପାଇଁ ଇଚ୍ଛାକରେ ତେବେ ତାର ସେବା ଠିକ୍ ହେବ ନାହିଁ । ଯେ ଆତ୍ମସୁଖର ବଳିଦାନ କରିଦେଇଥାଏ ସେ ହିଁ ସେବା ଠିକ୍ କରିପାରେ । ମୋ ନିଜ ସୁଖ ପାଇଁ ମୁଁ ପ୍ରଭୁଙ୍କୁ କଦାପି କଷ୍ଟ ଦେବି ନାହିଁ । ଯଦି କୌଣସି ଦୁଃଖ ପ୍ରସଙ୍ଗ ଆସେ ତେବେ ତାହା ମୋର କର୍ମର ଫଳ ବୋଲି ମୁଁ ଗ୍ରହଣ କରିନେବି । ମୋର ଦୁଃଖ ଦୂର କରିବା ପାଇଁ ମୁଁ କଦାପି ପ୍ରଭୁଙ୍କୁ ପ୍ରାର୍ଥନା କରିବି ନାହିଁ ।

# ଉତ୍କୃଷ୍ଟ ଓ ପବିତ୍ରତମ ଭାବନା ହେଉଛି ପ୍ରେମ

ମାନବ ଜୀବନର ଅନେକ ଅନୁଭୂତିକୁ ବିଭିନ୍ନ ମାଧମରେ ଓ ତାର୍କିକ ରୂପେ ବୁଝିବା ଏବଂ ବୁଝାଇବାର ପ୍ରୟାସ ଆମ ସମାଜରେ ହୋଇ ଆସୁଛି । ଏହି ଅନୁଭୂତି ମଧ୍ୟରେ ଯେଉଁ ଅନୁଭୂତିକୁ ସବୁଠାରୁ ଅଧିକ ପରିଭାଷିତ କରିବାର ପ୍ରୟାସ କରାଯାଇଛି, ତାହା ହେଉଛି ପ୍ରେମ । ଅନୁଭୂତିର ଯଥାର୍ଥ ଅଭିବ୍ୟକ୍ତି ହୋଇ ପାରିବା, ତାହାକୁ ପରିଭାଷା ଓ ଶବ୍ଦର ତର୍କ ଜାଲ ଆଦିରେ ବନ୍ଧାଯାଇ ପାରିବା ସମ୍ପୂର୍ଣ୍ଣ ଭାବରେ ସମ୍ଭବ ନୁହେଁ, ତଥାପି ଏଥିପାଇଁ ପୁରା ପ୍ରୟାସ କରାଯାଇଥାଏ । ଯେପରି ମିଠା, ଖାରା, ଖଟା, ରାଗ, ପିତା ଓ କଷା ସ୍ୱାଦର ଯଥାର୍ଥ ଅନୁଭବ ତାହାକୁ ଚାଖିକରି କରାଯାଇପାରେ, ସେହିପରି ପ୍ରେମର ସ୍ୱାଦର ଯଥାର୍ଥ ଅନୁଭବ ତାହାକୁ ଅନୁଭବ କରି ହିଁ କରାଯାଇପାରେ ।

ପ୍ରେମ କିପରି ହୋଇଥାଏ ? ତାହାର ଅନୁଭୂତି କିପରି ? ଏହାକୁ ଲୋକେ ବିଭିନ୍ନ ପ୍ରକାରେ ଜାଣିବାର ପ୍ରୟାସ କରନ୍ତି । ପ୍ରେମ ମନୁଷ୍ୟର ସମସ୍ତ ଭାବନା ମଧ୍ୟରେ ଉତ୍କୃଷ୍ଟତମ ଓ ପବିତ୍ରତମ । 'ପ୍ରେମ' ଶବ୍ଦ ହିଁ ଏପରି, ଯାହାକୁ ଶୁଣି, ଅନୁଭବ କରି ତା ଅଭିବ୍ୟକ୍ତ କରି ବ୍ୟକ୍ତିର ମନରେ ମଧୁର ଭାବ ଉଦ୍ରେକ ହୋଇଥାଏ ଏବଂ ତା ସହିତ ଏହା ଯୋଗୁଁ ଏକ ବିଶେଷ ପ୍ରକାର ଅନୁଭୂତିର ଅନୁଭବ ହେବାରେ ଲାଗେ, ମନରେ କଳ୍ପନାର ସଂସାର ମଧ ସଜ୍ଜିତ ହେବାରେ ଲାଗେ, ତରଙ୍ଗ ଭଳି ମନରେ ବିଚାରଗୁଡିକର ଆବେଗ ତରଙ୍ଗାୟିତ ହେବାରେ ଲାଗେ, କିନ୍ତୁ କ'ଣ ଏହି ପ୍ରେମର ବ୍ୟାଖ୍ୟା କରାଯାଇ ପାରେ ? ନା, କାରଣ ପ୍ରେମରେ ଏତେ ଗଭୀରତା ଥାଏ ଯେ ତାହାର ଥଳକୁଳ ପାଇବା ଅସମ୍ଭବ, ସେଥିପାଇଁ ପ୍ରେମର ଅନନ୍ତ ଓ ଅନେକ ପରିଭାଷା ଏବଂ ଅଭିବ୍ୟକ୍ତି ଲୋକମାନେ ବିଭିନ୍ନ ପ୍ରକାରରେ ଦେଇଛନ୍ତି, ତଥାପି ଏଥିରେ ଆହୁରି ମଧ କିଛି ବାକି ରହିଯିବା ପରି ମନେ ହେଉଛି ।

ପ୍ରେମର ବାସ୍ତବିକ ପରିଭାଷାକୁ ବୁଝିବା ଓ ବୁଝାଇବାରେ କେବେ କେବେ ବ୍ୟକ୍ତିର ସମ୍ପୂର୍ଣ୍ଣ ଜୀବନ ହିଁ ବ୍ୟତୀତ ହୋଇଯାଏ । ତଥାପି ସେ କୌଣସି ନିଷ୍କର୍ଷରେ ପହଞ୍ଚ ପାରେ ନାହିଁ, କାରଣ ପ୍ରେମର ନା କୌଣସି ନିଶ୍ଚିତ ରୂପ ଅଛି ନା ସ୍ୱରୂପ ରହିଛି । ଏହା ତ ମାତ୍ର ମନୁଷ୍ୟର ବିଚାର, ଭାବନା ଓ ହୃଦୟର ଗଭୀରତାରେ ସନ୍ନିବେଶିତ, ଯାହା କେବେ ବି, କେଉଁଠି ଓ ଯେକୌଣସି ମାଧ୍ୟମରେ ପରିଲକ୍ଷିତ ହୋଇଥାଏ । ବାସ୍ତବରେ ପ୍ରେମ କରିବା ସମସ୍ତ ପ୍ରାଣୀ ଓ ଜୀବଜନ୍ତୁଙ୍କ ସ୍ୱଭାବରେ ଜନ୍ମଜାତ ହୋଇଥାଏ, ଯାହାର ଅଭିବ୍ୟକ୍ତିର ଶୈଳୀ ସମସ୍ତଙ୍କ ଠାରେ ଭିନ୍ନ ଭିନ୍ନ ହୋଇଥାଏ । ମନୁଷ୍ୟ ମଧ୍ୟରେ ଏହି ପ୍ରବୃତ୍ତି ସର୍ବାଧିକ ବିକଶିତ ହୋଇଛି, କାରଣ ସେ ବୁଝିବା ଚିନ୍ତନ କରିବା ଶକ୍ତି ଅତିରିକ୍ତ ବାକ୍‌ଶକ୍ତି ଓ ଶାରୀରିକ ଅଭିବ୍ୟକ୍ତି ଦ୍ୱାରା ମଧ ନିଜର ପ୍ରେମକୁ ବ୍ୟକ୍ତ କରିବାର କ୍ଷମତା ରଖିଥାଏ । ଏହି କ୍ଷମତା ଅନ୍ୟ ଜୀବଜନ୍ତୁଙ୍କ ଠାରେ ନ ଥାଏ ।

ମନୁଷ୍ୟ ଜୀବନରେ ପ୍ରେମର ଭିନ୍ନ ଭିନ୍ନ ରୂପ ସମାହିତ । ମନୁଷ୍ୟ ନିଜର ବାଲ୍ୟାବସ୍ଥାରେ ନିଜ ମାତା ପିତା ଓ ଭାଇ ଭଉଣୀଙ୍କୁ ସର୍ବାଧିକ ପ୍ରେମ କରିଥାଏ । ଏହା ପରେ ଯେତେ ଯେତେ ସେ ବଡ଼ ହୋଇଥାଏ, ତା'ର ପ୍ରେମର ପରିଧିର ବିସ୍ତାର ହୋଇଥାଏ, ତାପରେ ତା' ପ୍ରେମର ପରିଧିରେ ସମ୍ପୂର୍ଣ୍ଣ ପରିବାର, ପ୍ରିୟଜନ, ମିତ୍ରଜନ, ସମାଜ ଓ ରାଷ୍ଟ୍ରର ସମାବେଶ ହେବାରେ ଲାଗିଥାଏ । ମଣିଷର ମନ ଓ ହୃଦୟ ଯେତିକି ଗ୍ରନ୍ଥିମୁକ୍ତ ଏବଂ ବିଶାଳ ହୋଇଥାଏ, ସେତିକି ପବିତ୍ର ପ୍ରେମ ତା' ମନରେ ପରମ ବ୍ୟାପକତାର ସହିତ ରହିଥାଏ ।

ମାତା- ପିତାଙ୍କ ସହିତ କରାଯାଉଥିବା ପ୍ରେମ ଜନ୍ମଜାତ ଓ ରକ୍ତ ସମ୍ବନ୍ଧିତ ହୋଇଥାଏ, ଯାହାକୁ ଆଜନ୍ମ ନିର୍ବାହ କରାଯାଏ ଏବଂ ତାହା ଅତୁଟ ହୋଇଥାଏ । ଏଥିରେ ନିଃସ୍ୱାର୍ଥ ପ୍ରେମର ଭାବନା, ଆଶା ଓ ବିଶ୍ୱାସ ମଧ ନିହିତ ଥାଏ । ଭାଇ ଭଉଣୀଙ୍କ ପ୍ରେମ ସ୍ନେହର ଡୋରରେ ବନ୍ଧା ହୋଇଥାଏ, ଯାହା ପରସ୍ପର କର୍ତ୍ତବ୍ୟବୋଧକୁ ନିର୍ବାହ କରିବା ସହିତ ବ୍ୟକ୍ତିର ସୁଖ ଦୁଃଖରେ ସାଥୀ ହେବାର ଭାବ ଓ ଆତ୍ମୀୟତାପୂର୍ଣ୍ଣ ହୋଇଥାଏ । ଏହି ପ୍ରକାର ଦୁଇ ଜଣ ଅଜଣା ବ୍ୟକ୍ତିଙ୍କ ପ୍ରେମ ପତି ପତ୍ନୀ ସମ୍ବନ୍ଧ ରୂପରେ ହୋଇଥାଏ, ଯାହାକି ପ୍ରେମ, ବିଶ୍ୱାସ, ସମର୍ପଣ ଓ ସାମଞ୍ଜସ୍ୟର ଭାବନା ଉପରେ ତିଷ୍ଠି ରହିଥାଏ । ଏତଦବ୍ୟତୀତ ସମାଜ ଓ ରାଷ୍ଟ୍ର ପ୍ରତି ପ୍ରେମ ସାମାଜିକ ସଂରଚନା ସହିତ ତାଳମେଳ ରକ୍ଷା କରିବା, ଜୀବନଯାପନର ଆବଶ୍ୟକତା ପୂର୍ତ୍ତି ତଥା ସମାଜ ଓ ରାଷ୍ଟ୍ରର ହିତ ପାଇଁ ଆବଶ୍ୟକ ପଦକ୍ଷେପ ଉଠାଇବା ହେତୁ ହୋଇଥାଏ ।

ଏହି ସବୁର ଊର୍ଦ୍ଧ୍ୱରେ ଈଶ୍ୱରୀୟ ପ୍ରେମ ରହିଥାଏ । ଈଶ୍ୱର ସିଏ, ଯିଏ ଅଦୃଶ୍ୟ, କିନ୍ତୁ ତାଙ୍କ ଦ୍ୱାରା ନିର୍ମିତ ଏହି ସୃଷ୍ଟିକୁ ଦେଖା ଯାଇ ପାରେ । ଯିଏ ଏହି ସୃଷ୍ଟିର କ'ଣ କଣରେ ବିଦ୍ୟମାନ, କିନ୍ତୁ ମୂର୍ତ୍ତିମାନ ନୁହନ୍ତି । ସେହି ଈଶ୍ୱରଙ୍କ ସହିତ ପ୍ରେମ କରିବା ସହଜ ନୁହେଁ କି କଠିନ ମଧ ନୁହେଁ । ଯେତେବେଳେ ବ୍ୟକ୍ତିର ଭାବନା ପରମ ବ୍ୟାପକ ହୋଇଯାଏ, ପରିଷ୍କୃତ ହୋଇଯାଏ, ପବିତ୍ର ହୋଇଯାଏ, ସେତେବେଳେ ସେ ଈଶ୍ୱରଙ୍କ ସହିତ ଯଥାର୍ଥ ଭାବରେ ଯୋଡି ହୋଇପାରେ ଏବଂ ତାଙ୍କ ସହିତ ପ୍ରେମ କରିପାରେ, ତାଙ୍କୁ ଅନୁଭବ କରିପାରେ । ମାନବର ଈଶ୍ୱରଙ୍କ ପ୍ରତି ପ୍ରେମ ତାକୁ ଅଗାଧ ଶ୍ରଦ୍ଧା ଓ ଭକ୍ତିରେ ପରିପୂର୍ଣ୍ଣ କରିଦିଏ । ଯେପରି ମୀରାଙ୍କର କୃଷ୍ଣପ୍ରେମ ଓ ତାଙ୍କର ଭକ୍ତି । ସୁରଦାସଙ୍କର କୃଷ୍ଣପ୍ରେମ, ତୁଳସୀଦାସଙ୍କର ହନୁମାନଙ୍କ ପ୍ରତି ପ୍ରେମ ଓ ଭକ୍ତି, ରାମଙ୍କର ସୀତାଙ୍କ ପ୍ରତି ପ୍ରେମ ଓ ଭକ୍ତି । ସନ୍ଥ ନାମଦେବ, ସନ୍ଥ ଏକନାଥ, ସନ୍ଥ ତୁକାରାମ, ଚୈତନ୍ୟ ମହାପ୍ରଭୁ ଆଦିଙ୍କର ପ୍ରେମ ଓ ଭକ୍ତି ଅବିରଳ ଥିଲା । ନିଜର ଏହି ପ୍ରେମ ଓ ଭକ୍ତିକୁ ଅଭିବ୍ୟକ୍ତ କରିବା ପାଇଁ ସେମାନଙ୍କ ଭିତରେ କାବ୍ୟ ପ୍ରବାହିତ ହେବାକୁ ଲାଗିଲା । ସେମାନେ ନାଚିବାକୁ ଲାଗିଲେ, ଗୀତ ଗାଇଲେ, କାନ୍ଦି କାନ୍ଦି ଭଗବାନଙ୍କୁ ଡାକିବାରେ ଲାଗିଲେ ଓ ସେହି ଡାକ ଶୁଣି ଭଗବାନ ମଧ ଦ୍ରବିତ ହୋଇଗଲେ ଏବଂ ସେମାନଙ୍କୁ ନିଜର ଅନୁରାଗ ଓ ଅନୁଗ୍ରହ ଦ୍ୱାରା କୃତାର୍ଥ କରିଦେଲେ ।

ପ୍ରେମରେ ସମ୍ବେଦନା ଥାଏ, ଅତ୍ୟଧିକ ଉର୍ଜାଃ ଥାଏ ଏବଂ ଏହି ଉର୍ଜାଃ ଆମ ବୁଦ୍ଧି ଉପରେ ପରଦା ପକାଇଦିଏ, କିନ୍ତୁ ଯଦି ବିବେକର ପ୍ରୟୋଗ ହୁଏ ଏବଂ ପ୍ରେମରେ ହୋସ ରହେ ତେବେ ଏହି ଉର୍ଜାର ରୂପାନ୍ତରଣ କରି ଏହାକୁ ଯେକୌଣସି କ୍ଷେତ୍ରରେ ପ୍ରଯୁକ୍ତ କରାଯାଇ ପାରେ । ଧ୍ୟାନ, ଏହି ପ୍ରେମର ଆଧ୍ୟାତ୍ମିକ ରୂପାନ୍ତରଣ । ଏହି ଜଗତରେ ସର୍ବାଧିକ ମୂଲ୍ୟବାନ ପ୍ରେମ ହିଁ ଅଟେ । ପ୍ରେମ ଯଦି ମିଳିଯାଏ ତେବେ ଜାଣ ପରମାତ୍ମା ମିଳିଗଲେ । ଯିଏ ପ୍ରେମକୁ ଜାଣି ନାହିଁ, ସେ ପ୍ରାର୍ଥନା ମଧ କରିପାରେ ନାହିଁ ।

ପ୍ରେମ ସୃଜନାତ୍ମକତାର ଶିଖର ଏବଂ ଏପାରିକୁ ସେପାରି ସହିତ ଯୋଡ଼ିବାର ସେତୁ । ପ୍ରେମ ଶରୀରକୁ ଆତ୍ମା ସହିତ, ଶବ୍ଦକୁ ଶୂନ୍ୟ ସହିତ ଯୋଡ଼ିଥାଏ । ଯଦି ହୃଦୟରେ ପ୍ରେମ ରହିଥାଏ ତେବେ ଆମକୁ ସାରା ଦୁନିଆ ପ୍ରସ୍ଫୁଟିତ ଫୁଲର ମହକ ଭଳି ପ୍ରତୀତ ହୋଇଥାଏ । ଯିଏ ପ୍ରେମର ଏହି ଉର୍ଜାଃକୁ ରୂପାନ୍ତରଣ କରିଦେଲା, ସେ ଭକ୍ତିର ସ୍ୱାଦ ଚାଖିନେଲା ଏବଂ ପରମାତ୍ମାଙ୍କ ସାନ୍ନିଧ୍ୟକୁ ଅନୁଭବ କରିନେଲା ବୋଲି ବୁଝିବାକୁ ହେବ ।

ପ୍ରେମରେ ସେହି ଶକ୍ତି ରହିଛି, ଯାହା ସୂକ୍ଷ୍ମ ବାତାବରଣକୁ ଶୁଦ୍ଧ କରିପାରେ, ପରିଷ୍କୃତ କରିପାରେ । ଏପରି ସ୍ଥାନ ଯେଉଁଠି କୌଣସି ପ୍ରେମୀ ନିଜର ସମ୍ପୂର୍ଣ୍ଣ ଜୀବନ ଈଶ୍ୱରଙ୍କ ପ୍ରତୀକ୍ଷାରେ ବ୍ୟତୀତ କରିଦିଏ, ସେହି ସ୍ଥାନ ଏକ ପ୍ରକାର ତୀର୍ଥସ୍ଥଳ ରୂପରେ ପରିବର୍ତ୍ତିତ ହୋଇଯାଏ । ଯେଉଁ ବ୍ୟକ୍ତି ବାସ୍ତବରେ ପ୍ରେମରେ ପରିପୂର୍ଣ୍ଣ ହୋଇଥାଏ, ତା'ର କେବଳ ଉପସ୍ଥିତ ହିଁ ଲୋକମାନଙ୍କୁ ଆନନ୍ଦିତ କରିଥାଏ । ଯେତେବେଳେ ଈଶ୍ୱରଙ୍କ ପ୍ରେମରେ ପରିପୂର୍ଣ୍ଣ ହୋଇଥିବା ଭକ୍ତ କୌଣସି କାର୍ଯ୍ୟ କରିଥାଏ, ସେତେବେଳେ ସେହି କାର୍ଯ୍ୟ ମୂଲ୍ୟବାନ ହୋଇଯାଏ । ଏହି ପ୍ରକାର ପ୍ରେମ ଆମ ଜୀବନର ସମସ୍ତ ଅନୁଭୂତିର କେନ୍ଦ୍ରବିନ୍ଦୁ । ଯେଉଁଠି ପ୍ରେମ ଅଛି, ସେଠାରେ ଶ୍ରଦ୍ଧା ଅଛି, ସେଠାରେ ମିତ୍ରତା ଅଛି । ସେଠାରେ ସମର୍ପଣ ଅଛି, ସେବା ଅଛି ଓ ବିଶ୍ୱାସ ଅଛି । ପ୍ରେମ ଜୀବନର ରସ ଅଟେ ଏହା ରସଭାବରେ ବ୍ୟକ୍ତିର ଜୀବନ ନୀରସ ହୋଇଯାଏ, ସେଥିପାଇଁ ପ୍ରେମ ଦ୍ୱାରା ସିଞ୍ଚିତ ହୃଦୟରେ ହିଁ ସଚ୍ଚା ମାନବତା ବାସ କରିଥାଏ ।

# ଜ୍ଞାନର ନେତ୍ର ଦ୍ୱାରା ହୁଏ ପରମାତ୍ମାଙ୍କ ଦର୍ଶନ

ଜୀବାତ୍ମା ମନର ଆଶ୍ରୟ ନେଇ କ୍ଷେତ୍ର ଓ ନେତ୍ର ତଥା ତ୍ୱଚା, ରସନା ଓ ଘ୍ରାଣ ଏହି ପାଞ୍ଚଟି ଇନ୍ଦ୍ରିୟ ଦ୍ୱାରା ବିଷୟର ସେବନ କରିଥାଏ । ଗୋଟିଏ ଶରୀରରୁ ଅନ୍ୟ ଶରୀରର ଯାତ୍ରା ଦିଗରେ ବାହାରି ଯିବା ପରେ ମଧ ଯଦି ଇଚ୍ଛାଗୁଡିକର ଡୋର କାଟି ଦିଆ ନ ଯାଏ, ତେବେ ଏହି ଜୀବାତ୍ମା, ନୂତନ ଶରୀରରେ ପୁନଶ୍ଚ ମନର ସାହାଯ୍ୟ ନେଇ ପଞ୍ଚେନ୍ଦ୍ରିୟଙ୍କ ମାଧମରେ ପୁଣି ନୂତନ ବିଷୟ ସେବନର ପ୍ରୟାସରେ ଜୁଟିଯାଏ । ନୂତନ ଶୁଭାରମ୍ଭ ସହିତ ପୁନଶ୍ଚ ନୂଆ ବାସନାର ଦୌଡ଼ ଆରମ୍ଭ ହୋଇଯାଏ । ଦୁର୍ଭାଗ୍ୟ ହେଉଛି ଯେ ନୂଆ ଦୌଡ ଆରମ୍ଭ କରିବା ସମୟରେ ଗତ ଥର ତାକୁ କେତେ କଷ୍ଟ କ୍ଳେଶର ସାମନା କରିବାକୁ ପଡିଥିଲା, ମନୁଷ୍ୟ ଏହାକୁ ଭୁଲିଯାଏ ଏବଂ ନୂତନ ଜନ୍ମରେ, ନୂଆ ଶରୀରରେ ସେ ପୁଣି ସେହି ଭୁଲଗୁଡିକୁ ଦୋହରାଇଥାଏ ।

ଏହିପରି ଜୀବାତ୍ମା, ଗୋଟିଏ ନୁହେଁ ଅନେକ ଜନ୍ମରେ ଏହି ଭୁଲକୁ ବାରମ୍ବାର ଦୋହରାଇ ବିଭିନ୍ନ ପ୍ରକାର ଯୋନିରେ ଭ୍ରମି ଥାଏ । ଏହା ପଛରେ ଗୋଟିଏ କାରଣ ହିଁ ରହିଥାଏ ଯେ ଜୀବାତ୍ମା ଅନ୍ତଃକରଣ ଚତୁଷ୍ଟୟ ସହିତ ସମ୍ବନ୍ଧ ଯୋଡ଼ି ବସେ । ଯିଏ ନିଜର ନ ଥିଲା, ତାକୁ ନିଜର ମାନିବସେ ଏବଂ ଯିଏ ନିଜର ଥିଲା ତାକୁ ଭୁଲିବସେ । ବସ୍ତୁତଃ ଜୀବାତ୍ମା କର୍ମର କର୍ତ୍ତା ଅଟେ, ଭୋକ୍ତା ନୁହେଁ, ପରନ୍ତୁ ଅଜ୍ଞାନ ଓ ଅବିଦ୍ୟା କାରଣରୁ ପ୍ରକୃତି ଏବଂ ତାହାର ଗୁଣଗୁଡିକର ସାରକୁ ଖୋଜି ସେ କର୍ତ୍ତା ଭୋକ୍ତା ହୋଇ ବସେ । ଏହା ଏଥିପାଇଁ ଘଟିଥାଏ ଯେ ଇନ୍ଦ୍ରିୟ ବଦଳିଯିବା ପରେ ବାସନା ଗୁଡିକ ବଦଳି ଯାଏ ନାହିଁ । ଗୋଟିଏ ଶରୀର ଚାଲିଯିବା ପରେ ଅନ୍ୟ ଏକ ଶରୀର ମିଳିଯାଏ, ପରନ୍ତୁ ଯଦି ଅନ୍ତଃକରଣର ବାସନାଗୁଡିକୁ ରୂପାନ୍ତରଣ କରା ନ ଯାଏ ତେବେ ନୂତନ ଦେହ ଯେ ଆନନ୍ଦର ଦ୍ୱାର ହୋଇଯିବ, ଏହା ଭ୍ରାନ୍ତି ବ୍ୟତୀତ ଅନ୍ୟ କିଛି ନାହିଁ । ଇନ୍ଦ୍ରିୟଗୁଡିକ ଆମର ବନ୍ଧନର ମାଧମ ନିଶ୍ଚୟ, କିନ୍ତୁ ଆମର ଅହଂକାର ଓ ବାସନାଗୁଡିକ ହିଁ ତାହାର କାରଣ । ଯଦି ସେହି ବନ୍ଧନକୁ କଟା ନଯାଏ, ଦୃଢ଼ ବୈରାଗ୍ୟ ଦ୍ୱାରା ସେଗୁଡିକର ରୂପାନ୍ତରଣ କରା ନ ଯାଏ, ତେବେ ମୁକ୍ତିର ଦ୍ୱାର କେବେହେଲେ ଖୋଲେ ନାହିଁ । ତାହାକୁ ଖୋଲିବା ପାଇଁ ବାସନାର ଏହି ବନ୍ଧନକୁ ସମୂଳେ ନଷ୍ଟ କରିବାକୁ ପଡ଼ିଥାଏ ।

ଶରୀରକୁ ପରିତ୍ୟାଗ କରି ଯିବା ସମୟରେ ବା ଅନ୍ୟ ଶରୀରରେ ଅବସ୍ଥିତ ହୋଇ ଅଥବା ବିଷୟଗୁଡିକୁ ଭୋଗ କରିବା ସମୟରେ ମଧ ଗୁଣଯୁକ୍ତ ଜୀବାତ୍ମାର ସ୍ୱରୂପକୁ ମୂଢ଼ ମନୁଷ୍ୟ ଜାଣି ପାରନ୍ତି ନାହିଁ, ଜ୍ଞାନ ରୂପୀ ନେତ୍ର ଯୁକ୍ତ ମନୁଷ୍ୟ ହିଁ ତାହାକୁ ଠିକ୍‌ରେ ଜାଣି ପାରନ୍ତି । ଏହା ଭଗବାନ ଶ୍ରୀକୃଷ୍ଣଙ୍କ ଅଦ୍ଭୁତ ବଚନ । ସେ କହିଛନ୍ତି ଯେ ଗୋଟିଏ ଶରୀର ତ୍ୟାଗ କରିବା ସମୟରେ, ଅନ୍ୟ ଏକ ଶରୀରକୁ ଗ୍ରହଣ କରିବା ସମୟରେ ବା ସେଥିରେ ଭୋଗ ଗୁଡିକୁ ଭୋଗ କରିବା ସମୟରେ ମଧ ଜୀବାତ୍ମାର ସତ୍ୟ ସ୍ୱରୂପ କ'ଣ ଏହା ଜାଣିବା ସାମାନ୍ୟ ମଣିଷମାନଙ୍କ ପାଇଁ ସମ୍ଭବ ନୁହେଁ । ଏହା ଯଦିଓ ସତ୍ୟ ଯେ ସମସ୍ତ ଘଟଣାକ୍ରମ ସେମାନଙ୍କ ଆଖି ସମ୍ମୁଖରେ ଘଟିଥାଏ, ପରନ୍ତୁ ଶ୍ରୀଭଗବାନ କହିଛନ୍ତି ଯେ ଜୀବାତ୍ମାର ଜ୍ଞାନଚକ୍ଷୁ ନ ଖୋଲିବା ପର୍ଯ୍ୟନ୍ତ ଜୀବାତ୍ମାର ସଚ୍ଚା ସ୍ୱରୂପକୁ ଜାଣି ପାରିବା ସେମାନଙ୍କ ପକ୍ଷେ ସମ୍ଭବ ହୋଇ ନ ଥାଏ, କାରଣ ସେହି ସମୟରେ ସେମାନେ ସ୍ୱୟଂ ପ୍ରକୃତିର ଗୁଣଗୁଡିକ ଦ୍ୱାରା ଆବଦ୍ଧ ହୋଇ ସେଗୁଡିକର ବ୍ୟାମୋହରେ ଫଂସିଯାଇ ଏହି ସମସ୍ତ ଘଟଣା କ୍ରମକୁ ଦେଖୁଥାନ୍ତି । ଯେବେ ଆମେ ସ୍ୱୟଂ ଅଜ୍ଞାନର ଅନ୍ଧକାରରେ ରହୁ, ତ ସତ୍ୟର ସାକ୍ଷାତକାର ଆମକୁ କିପରି ହୋଇ ପାରିବ । ଭଗବାନ କହିଛନ୍ତି ଯେ ସତ୍ୟର ସାକ୍ଷାତକାର କେବଳ ସେତେବେଳେ ସମ୍ଭବ, ଯେତେବେଳେ ଜ୍ଞାନଚକ୍ଷୁ ଖୋଲିଥାଏ, ଜ୍ଞାନର ପ୍ରକାଶ ଆସିଥାଏ, ସେହି ପ୍ରକାଶ ଦ୍ୱାରା ଜୀବାତ୍ମାର ସତ୍ୟ ସ୍ୱରୂପକୁ ଜାଣିହୁଏ, ହୃଦୟଙ୍ଗମ କରିହୁଏ । ଜୀବାତ୍ମାର ସତ୍ୟ ସ୍ୱରୂପ ପରମାତ୍ମା ହିଁ ଅଟନ୍ତି । ଅଜ୍ଞାନ ଓ ଅବିଦ୍ୟାର ପ୍ରଭାବରୁ ଏହି ସତ୍ୟ ସହିତ ଆମେ ନିଜକୁ ଅପରିଚିତ କରି ବସିଲେ କ'ଣ ହେବ ? ଏପରି କରିବା ଦ୍ୱାରା ସତ୍ୟ କ'ଣ ବଦଳିଯାଏ । ଶ୍ରୀଭଗବାନ ଏଠାରେ କହୁଛନ୍ତି ଯେ ଏହି ଜୀବାତ୍ମା, ପରମାତ୍ମାଙ୍କର ହିଁ ସନାତନ ଅଂଶ ଏବଂ ତାକୁ ଏହି ଶରୀର ତ୍ୟାଗ କରିବା ଦେଖି ଅଜ୍ଞାନର ଅନ୍ଧକାରରେ ରହିଥିବା ଆମ ସମସ୍ତଙ୍କୁ ଭ୍ରମ ହୋଇଯାଏ ଯେ ଜୀବାତ୍ମା ମରିଗଲା, ଯେତେବେଳେ କି ସେ ଅନାଦି, ଅକ୍ଷର ଏବଂ ଅବ୍ୟକ୍ତ କିପରି ମରି ପାରିବ ?

ସେହି ସନାତନ ଆତ୍ମାକୁ ଭୋଗ କରୁଥିବାର ଦେଖି, ନୂତନ ଶରୀରକୁ ଗ୍ରହଣ କରିବା ଦେଖି ଭ୍ରମ ହୁଏ ଯେ ନୂତନ ଶୁଭାରମ୍ଭ ହୋଇଛି ବା ଏହି ଜୀବାତ୍ମା ନୂତନ କର୍ମ କରୁଛି । ଶ୍ରୀ ଭଗବାନ କହିଛନ୍ତି ଯେ ଏହି ଜୀବାତ୍ମା, ପରମାତ୍ମାଙ୍କର ଅବିଚ୍ଛିନ୍ନ ଅଙ୍ଗ, କିନ୍ତୁ ତା'ର ଏହି ସ୍ୱରୂପକୁ ଜାଣିବା ପାଇଁ ଜ୍ଞାନଚକ୍ଷୁକୁ ଖୋଲିବାର ଆବଶ୍ୟକତା ରହିଛି । ସବୁ ଭୂତଙ୍କ ମଧରେ, ସବୁ ପ୍ରାଣୀଙ୍କ ମଧରେ, ସବୁଆଡ଼େ ସେହି ଏକ ପରମାତ୍ମା ହିଁ ଅଭିବ୍ୟକ୍ତ ହୋଇଥାନ୍ତି ତାହେଲେ ଭ୍ରମ କାହିଁକି ? ସବୁଆଡ଼େ କ'ଣ ସେହି ଗୋଟିଏ ସତ୍ୟର ଅଭିବ୍ୟକ୍ତି ହୋଇ ନାହିଁ ? ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ, ସର୍ବତ୍ର ସେହି ପରମାତ୍ମା ହିଁ ବିଦ୍ୟମାନ, କିନ୍ତୁ ତାଙ୍କୁ ସେହି ରୂପରେ ଦେଖିବା ପାଇଁ ଜ୍ଞାନ ପଟିକୁ ଖୋଲିବାର ଆବଶ୍ୟକତା ରହିଛି । ଅର୍ଜୁନଙ୍କ ଅପେକ୍ଷା ଅଧିକ ଉତ୍ତମ ଭାବରେ ଆଉ କିଏ ବା ଏହି ସତ୍ୟକୁ ବୁଝି ପାରିବ । ଯେତେବେଳେ ଏହି ଗୀତାକୁ ଶୁଣାଇବା ସମୟରେ ଶ୍ରୀ ଭଗବାନ ନିଜର ବିରାଟ ସ୍ୱରୂପ ତାଙ୍କୁ ଦେଖାଇଥିଲେ ସେତେବେଳେ ତାଙ୍କୁ ଦେଖିବା ପାଇଁ ଭଗବାନ ଦିବ୍ୟଚକ୍ଷୁ ମଧ ପ୍ରଦାନ କରି କହିଥିଲେ- ଦିବ୍ୟଂ ଦଦାମି ତେ ଚକ୍ଷୁଃ । ଯେଉଁ ଚକ୍ଷୁକୁ ଆମେ ପ୍ରକୃତିର ବିବିଧ ଗୁଣରେ ଆବଦ୍ଧ ହୋଇ ବିଷୟଭୋଗ, କାମନା ବାସନା ପୂର୍ତ୍ତି ନିମନ୍ତେ ପ୍ରଯୁକ୍ତ କରିଥାଉ, ସେହି ଚର୍ମ ଚକ୍ଷୁ ଦ୍ୱାରା ପରମାତ୍ମାଙ୍କର ସଚ୍ଚା ସ୍ୱରୂପକୁ ଜାଣି ହେବ ନାହିଁ । ତେଣୁ ମୁଁ ତୁମକୁ ଦିବ୍ୟଚକ୍ଷୁ ପ୍ରଦାନ କରୁଛି । ବିଶ୍ୱରୂପ ଦେଖିବା ପାଇଁ ଅର୍ଜୁନଙ୍କୁ, ଯିଏ କି ସାକ୍ଷାତ ଭଗବାନଙ୍କର ନିକଟତର ସହଯୋଗୀ ଥିଲେ, ତାଙ୍କୁ ମଧ ଦିବ୍ୟଚକ୍ଷୁର, ଜ୍ଞାନଚକ୍ଷୁର ଆବଶ୍ୟକତା ପଡିଥିଲା, ତେଣୁ ଏହା ସ୍ପଷ୍ଟ ଯେ ସାମାନ୍ୟ ମନୁଷ୍ୟ, ଯିଏ କି ଦେଖିବାକୁ ଗଲେ ଅବିଦ୍ୟା ଅଜ୍ଞାନର ଗହନ ଅନ୍ଧକାରରେ ପତିତ ସେମାନଙ୍କ ପାଇଁ ଆହୁରି ଅଧିକ ପ୍ରଚେଷ୍ଟାର ଆବଶ୍ୟକତା ରହିଛି ।

ଅର୍ଜୁନଙ୍କ ଅପେକ୍ଷା ଅଧିକ ଉତ୍ତମ ଭାବରେ ଆଉ କିଏ ବା ଏହି ସତ୍ୟକୁ ବୁଝି ପାରିବ । ଯେତେବେଳେ ଏହି ଗୀତାକୁ ଶୁଣାଇବା ସମୟରେ ଶ୍ରୀଭଗବାନ ନିଜର ବିରାଟ ସ୍ୱରୂପ ତାଙ୍କୁ ଦେଖାଇଥିଲେ ସେତେବେଳେ ତାଙ୍କୁ ଦେଖିବା ପାଇଁ ଭଗବାନ ଦିବ୍ୟଚକ୍ଷୁ ମଧ ପ୍ରଦାନ କରି କହିଥିଲେ ଦିବ୍ୟଂ ଦଦାମି ତେ ଚକ୍ଷୁଃ । ଯେଉଁ ଚକ୍ଷୁକୁ ଆମେ ପ୍ରକୃତିର ବିବିଧ ଗୁଣରେ ଆବଦ୍ଧ ହୋଇ ବିଷୟଭୋଗ, କାମନା ବାସନା ପୂର୍ତ୍ତି ନିମନ୍ତେ ପ୍ରଯୁକ୍ତ କରିଥାଉ, ସେହି ଚର୍ମ ଚକ୍ଷୁ ଦ୍ୱାରା ପରମାତ୍ମାଙ୍କର ସଚ୍ଚା ସ୍ୱରୂପକୁ ଜାଣି ହେବ ନାହିଁ । ତେଣୁ ମୁଁ ତୁମକୁ ଦିବ୍ୟଚକ୍ଷୁଃ ପ୍ରଦାନ କରୁଛି । ବିଶ୍ୱରୂପ ଦେଖିବା ପାଇଁ ଅର୍ଜୁନଙ୍କୁ ଯିଏ କି ସାକ୍ଷାତ୍ ଭଗବାନଙ୍କର ନିକଟତର ସହଯୋଗୀ ଥିଲେ, ତାଙ୍କୁ ମଧ ଦିବ୍ୟଚକ୍ଷୁର, ଜ୍ଞାନଚକ୍ଷୁର ଆବଶ୍ୟକତା ପଡିଥିଲା, ତେଣୁ ଏହା ସ୍ପଷ୍ଟ ଯେ ସାମାନ୍ୟ ମନୁଷ୍ୟ, ଯିଏ କି ଦେଖିବାକୁ ଗଲେ ଅବିଦ୍ୟା ଅଜ୍ଞାନର ଗହନ ଅନ୍ଧକାରରେ ପତିତ ସେମାନଙ୍କ ପାଇଁ ଆହୁରି ଅଧିକ ପ୍ରଚେଷ୍ଟାର ଆବଶ୍ୟକତା ରହିଛି ।

ଯେବେ ଠାରୁ ଏହି ସୃଷ୍ଟି ନିର୍ମିତ ହୋଇଛି, ତାହା ପୂର୍ବରୁ, ସେହି ସମୟରୁ ଯାହାର ଗଣନା କାଳ ଦ୍ୱାରା ମଧ ସମ୍ଭବ ନୁହେଁ, ସେବେ ଠାରୁ ଜୀବାତ୍ମା ଓ ପରମାତ୍ମା ଏକରୂପ ଅଟନ୍ତି । ପ୍ରକୃତିର ଗୁଣଗୁଡିକ ଦ୍ୱାରା ଅଭିପ୍ରେରିତ ହୋଇ, ମନର ଇଚ୍ଛାଗୁଡିକୁ ପୂରଣ କରିବାର ଦୌଡ଼ରେ ଜୀବାତ୍ମା ସମ୍ମୋହିତ ହେବା ପରି ଦେଖାଯାଏ, କିନ୍ତୁ ଭଗବାନ କହିଛନ୍ତି ଯେ ସେହି ସମୟରେ ବି ତା' ମଧରେ ନିହିତ ଦିବ୍ୟତା ଯଥାବତ୍ ରହିଥାଏ, ମାତ୍ର ତାହା ଅଜ୍ଞାନ ଦ୍ୱାରା ଆଚ୍ଛାଦିତ ହୋଇଯାଏ । ଯେପରି ସୂର୍ଯ୍ୟଙ୍କ ସମ୍ମୁଖକୁ ବାଦଲ ଆସିଗଲେ ପୃଥିବୀ ଉପରେ ପହଞ୍ଚୁଥିବା ପ୍ରକାଶ କ୍ଷୀଣ ହୋଇଯାଏ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ସୂର୍ଯ୍ୟ ଶକ୍ତିହୀନ ହୋଇ ଯାଇଛନ୍ତି । ବାଦଲ ହଟିବା ପରେ ସେହି ପ୍ରକାଶ ଯଥାବତ୍ ଦୃଶ୍ୟମାନ ହୋଇଥାଏ । ସେହିପରି ଜୀବାତ୍ମା ତା'ର ମୂଳ ସ୍ୱରୂପ ପରମାତ୍ମାଙ୍କ ପ୍ରକାଶ ଦ୍ୱାରା ପରିପୂର୍ଣ୍ଣ, ପରନ୍ତୁ ଅଜ୍ଞାନର ଆବରଣ ଅନ୍ୟମାନଙ୍କ ସମ୍ମୁଖରେ ଏପରି ଭ୍ରମ ଉତ୍ପନ୍ନ କରେ ଯେ, ଆମେ ସେହି ମୂଳସ୍ୱରୂପକୁ ଜାଣିପାରି ନଥାଉ । ପ୍ରକୃତିର ସମ୍ମୋହନରେ ବାନ୍ଧି ହୋଇ ଆମେ ବାହ୍ୟ ଆକର୍ଷଣଗୁଡିକ ଦ୍ୱାରା ଧନ୍ଦି ହୋଇଯାଉ ଏବଂ ମୂଳକୁ, ଉଦଗମକୁ ଭୁଲିଯାଉ । ଯେଉଁମାନେ ଏହି ଆକର୍ଷଣକୁ ସତ୍ୟ ବୋଲି ମାନି ବସନ୍ତି, ସେମାନଙ୍କ ପାଇଁ ପୁଣି ଜୀବାତ୍ମା ମଧରେ ଉପସ୍ଥିତ ପରମ ତତ୍ତ୍ୱର ସାକ୍ଷାତକାର କରିବା ସମ୍ଭବପର ହୋଇ ପାରେ ନାହିଁ । ତାହାକୁ ଦେଖିବା ପାଇଁ ଯେପରି ଭଗବାନ କୃଷ୍ଣ କହିଛନ୍ତି - ଆମକୁ ଅଜ୍ଞାନର ଆବରଣ ହଟାଇ ଜ୍ଞାନଚକ୍ଷୁକୁ ଖୋଲିବାର ଆବଶ୍ୟକତା ରହିଛି । ଅତୁଟ ବିଶ୍ୱାସ ଓ ଅଗାଧ ଶ୍ରଦ୍ଧା ବିନା ଏହି ଚକ୍ଷୁକୁ ଖୋଲି ପାରିବା ସମ୍ଭବ ନୁହେଁ ।

**ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ**

## ଆଜିର ଚିନ୍ତନ

କପିଳ ଭଗବାନଙ୍କ ଉପଦେଶ ଶୁଣି ଦେବହୂତି ଶୁଣି କହିଲେ ଅଳ୍ପ ସମୟ ମଧରେ ମୁଁ ବହୁତ ଉପଦେଶ ପାଇଗଲି । କିନ୍ତୁ ଏ ମନକୁ ସମ୍ଭାଳିବା ବଡ଼ କଷ୍ଟ । ଏହା ଅମାନିଆ ଘୋଡ଼ା ପରି । ଏହାକୁ ଆୟତ୍ତ କରିବା ପାଇଁ ବିବେକରୂପୀ ଚାବୁକ ଆବଶ୍ୟକ । କଦାଚିତ୍ ମୋ ମନ ବିଗିଡି ଗଲେ, ତମେ ହିଁ ଆଧାର, ମନ ଅତ୍ୟନ୍ତ ଦୁରାଗ୍ରହୀ । କେବେ କେବେ ମନ ଦୁଇ ଚାରି ମିନିଟ୍ ପାଇଁ ମୁଖ୍ୟ ହୋଇଯାଏ । ବଡ଼ ବଡ଼ ଜ୍ଞାନର, ଭକ୍ତିର କଥାବାର୍ତ୍ତା କରେ କିନ୍ତୁ ପାପ କରେ । ପ୍ରଭୁଙ୍କ ଶରଣରେ ଆସିଗଲେ ମନ ବିଗିଡିଯିବ ନାହିଁ । କପିଳ କହିଲେ ମା । ତମେ ଏବେ ନିଜେ ହିଁ ନିଜ ପ୍ରତି କୃପା କର । ତମେ ଏପରି ନିଶ୍ଚୟ କର ଯେ ଆଉ କେବେ କାହା ପେଟକୁ ଯିବ ନାହିଁ ଆଉ କାହାର ପତ୍ନୀ ହେବ ନାହିଁ । କାହାର ପତି, ପୁତ୍ର, କନ୍ୟା ହେବ ନାହିଁ । ପରମାତ୍ମାଙ୍କ ସହ ଏକ ହୋଇଯାଅ । ସାବଧାନ ହୋଇ ସାଧନ କର । ସାଧୁସନ୍ଥଙ୍କ ଉପଦେଶରେ ଶ୍ରଦ୍ଧା ରଖ । ଶ୍ରଦ୍ଧାରୁ ସତ୍ୟ ସ୍ୱରୂପ ଭଗବାନ ମିଳିବେ । କପିଳ ଭଗବାନ ମାତା ଦେବହୂତିଙ୍କୁ ପ୍ରଦକ୍ଷିଣ କଲେ । ମାତା ପିତାଙ୍କୁ ପ୍ରଦକ୍ଷିଣା କଲେ । ବନ୍ଦନ କଲେ ପ୍ରଭୁ ମିଳନ୍ତି, ପ୍ରଦକ୍ଷିଣକାରୀଙ୍କୁ ପୃଥ୍ୱୀ ପ୍ରଦକ୍ଷିଣର ଫଳ ମିଳେ । କପିଳଙ୍କ ଶେଷ ଉପଦେଶ ଥିଲା- ମା । ଜୀବ ସହଜରେ ମାୟାଗ୍ରସ୍ତ ହୋଇଯାଏ, ଏହି ମାୟାର ବିଭିନ୍ନ ରୂପ, ଭିନ୍ନ ଭିନ୍ନ ରଙ୍ଗ । ଭଗବାନ ମାୟାପତି । ମାୟାପତିଙ୍କ ଶରଣାଗତ ହେଲେ, ମାୟା ପାଖି ମାଡ଼େ ନାହିଁ । ଚିତ୍ତ ବିକ୍ଷେପ ହେଲେ, ମନ ଇତସ୍ତତଃ ହେଲେ ମାୟା ସହଜରେ ଗ୍ରାସ କରେ । ତ୍ରାସ ଦିଏ । ସାବଧାନ ହୋଇ ଯେ ମାୟାପତି ଭଗବାନଙ୍କ ଭକ୍ତି କରନ୍ତି, ତାଙ୍କୁ ମାୟା ଗ୍ରାସ କରିପାରେ ନାହିଁ । ଜ୍ଞାନୀ ମଧ ବେଳେ ବେଳେ ମାୟା ଜାଲରେ ଫଂସି ଯାଇଥାନ୍ତି । କର୍ମଯୋଗୀ ମଧ ମାୟାର ତ୍ରାସ ପାଇଥାନ୍ତି । ତାଙ୍କୁ ମଧ ମାୟା ଗ୍ରାସ କରିଦିଏ । କିନ୍ତୁ ମାୟା ଭକ୍ତଙ୍କ ପାଖି ମାଡ଼େ ନାହିଁ । ଏହାର କାରଣ ଜ୍ଞାନ ଓ କର୍ମ ପୁରୁଷ ପରକ । ମାୟା ସ୍ତ୍ରୀ । ତେଣୁ ଜ୍ଞାନ ଓ କର୍ମକୁ ମାୟା ଗ୍ରାସ କରିନିଏ କିନ୍ତୁ ଭକ୍ତି ହେଉଛି ସ୍ତ୍ରୀ, ଜଣେ ସ୍ତ୍ରୀକୁ ଆଉ ଜଣେ ସ୍ତ୍ରୀ ଏତେ ସହଜରେ କବଳିତ କରିପାରେ ନାହିଁ । ଏସବୁ କରି କପିଳ ମାତାଙ୍କ ଠାରୁ ବିଦାୟ ନେଇ ଗଙ୍ଗା ସାଗର ତୀର୍ଥକୁ ଚାଲିଗଲେ । ସାଗର ସଙ୍ଗମର ଲୁଣିଆ ଜଳକୁ ମଧୁର କରିଦିଏ । କପିଳ ମୁନି ଏଠାରେ ଆଶ୍ରମ ପ୍ରତିଷ୍ଠା କରି ଋଷିମୁନିଙ୍କୁ ଶାନ୍ତି ଯୋଗର ଉପଦେଶ କରିଥିଲେ । କପିଳ ମୁନି ଆଶ୍ରମ ବିଶ୍ୱ ପ୍ରସିଦ୍ଧ । ଏଠାରେ ମକରମେଳା ହୁଏ । ବହୁ ସାଧୁସନ୍ଥ ଆସନ୍ତି ଏଠାକୁ । ଏହା ଗଙ୍ଗା ସାଗରମେଳା ନାମରେ ଖ୍ୟାତ । ଲୋକ ବିଶ୍ୱାସ ଏବେ ମଧ କପିଳ ମୁନି ଗଙ୍ଗାସାଗର ସଙ୍ଗମରେ ବିରାଜମାନ । କପିଳ ଚାଲିଯିବା ପରେ ମାତା ଦେବହୂତି ତ୍ରିକାଳ ସରସ୍ୱତୀ ଗଙ୍ଗାରେ ସ୍ନାନ କରି ଧାନସ୍ଥ ରହିଲେ । ସୁନ୍ଦର ଘନକୃଷ୍ଣ କେଶରାଶି ଜଟା ହୋଇଗଲା । ବେଳେବେଳେ ମନ ବିଚଳିତ ହେଉଥିଲା । ସେତେବେଳେ କପିଳଙ୍କ ଉପଦେଶ ମନେ ପକାଇ ବିଗିଡି ଯାଉଥିବା ମନକୁ ସୁଧାରୁ ଥିଲେ । ମନ ଗୋଟିଏ ଜନ୍ମ ନୁହେଁ ଅନେକ ଜନ୍ମର ସଂସ୍କାର ବହନ କରିଥାଏ । ମନକୁ ଶାନ୍ତ କରିବାର ପ୍ରମୁଖ ଉପାୟ ହେଉଛି ହରି କୀର୍ତ୍ତନ । ପ୍ରେମରେ କୀର୍ତ୍ତନ କଲେ, ମନରୁ ପାପ ଭାବନା ଉଭେଇଯାଏ । ନାରାୟଣଙ୍କ ନାମ ସ୍ମରଣ, ଭଜନ, କୀର୍ତ୍ତନ କଲେ, ମନ ପବିତ୍ର ନିର୍ମଳ ହୋଇଯାଏ ।

# ବିସ୍ମୃତ ବିଦ୍ରୋହର ବନଭୂଇଁ ଆମ୍‌କୋ ସିମ୍‌କୋ

## ପ୍ରଫୁଲ୍ଲ କୁମାର ପଣ୍ଡା

ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ କେତେ ଯେ ରକ୍ତାକ୍ତ କାହାଣୀର ସାକ୍ଷରତାର ପଟାନ୍ତର ନାହିଁ । ଏକଦା ସୁନ୍ଦରଗଡ଼ ସଦର ଓ ପାନପୋଷ ଉପଖଣ୍ଡକୁ ନେଇ ଗଠିତ ଗାଙ୍ଗପୁର ରାଜ୍ୟରେ ବିଂଶ ଶତାବ୍ଦୀର ତିରିଶ ଦଶକରେ ସଂଘଟିତ ହୋଇଥିଲା ଏକ ଆଦିବାସୀ ମହା ବିଦ୍ରୋହ । ସୁନ୍ଦରଗଡ଼ ରାଇବଗା ଅନ୍ତର୍ଗତ ଏହି ଆମକୋ ସିମକୋ ଆଦିବାସୀ ମହାବିଦ୍ରୋହ ଅନ୍ୟ ଏକ 'ଜାଲିଆନା ୱାଲାବାଗ' ହତ୍ୟାକାଣ୍ଡର ପ୍ରତୀକ । ଏହି ଆମକୋ ସିମକୋ ପଡିଆ ଠାରେ ଘଟିଥିବା ବର୍ବର ହତ୍ୟାକାଣ୍ଡ ଓ ବିଦେଶୀ ସରକାର 'ଭାରତ ଛାଡି ଚାଲିଯାଅ' ଧ୍ୱନିରେ ଧନୁତୀର ଧରି ରଣ ହୁଙ୍କାର ଦେଇଥିଲେ ମହାନ ଦେଶ ପ୍ରେମୀ ଆଦିବାସୀ ନେତା ନିର୍ମଳ ମୁଣ୍ଡା ।

ସେ ସମୟରେ ଇଂରେଜ ସରକାର ତଥା ଗାଙ୍ଗପୁର ଦରବାରର ଅତ୍ୟାଚାର ଓ ଶୋଷଣ ବିରୋଧରେ ଆଦିବାସୀମାନଙ୍କ ଏହି ବିସ୍ମୃତ ବିଦ୍ରୋହ ରାଜ୍ୟର ନାଗ୍ରା ଜମିଦାରୀରୁ ଆରମ୍ଭ ହୋଇ ସମଗ୍ର ଗାଙ୍ଗପୁର ରାଜ୍ୟରେ ବ୍ୟାପୀ ଯାଇଥିଲା । ବିଦ୍ରୋହକୁ କଠୋର ହସ୍ତରେ ଦମନ କରିବାକୁ ଯାଇ ୧୯୩୯ ମସିହା ଏପ୍ରିଲ ୨୫ ତାରିଖ ଦିନ ସିମକୋ ଠାରେ ଇଂରେଜ ସରକାର ଓ ରାଜ ଦରବାରର ମିଳିତ ସୈନ୍ୟ ବାହିନୀର ଗୁଳି ଚାଳନାରେ କେତେ ଯେ ନିରୀହ ଆଦିବାସୀ ସହିଦ୍ ହେଲେ ଇତିହାସ ପାଖରେ ତାଙ୍କ ସଠିକ୍ ବିବରଣୀ ନାହିଁ । ଏହି ଆଦିବାସୀ ଉତଥାନର ଅନମନୀୟ ନେତା ଥିଲେ ନିର୍ମଳ ମୁଣ୍ଡା । ଜମି ଓ ଜଙ୍ଗଲ ଉପରେ ପୁରୁଷ ପୁରୁଷ ଧରି ରହିଥିବା ଆଦିବାସୀ ମାନଙ୍କ ଅଧିକାର ପର୍ଯ୍ୟାୟ କ୍ରମେ ହ୍ରାସ, ବିଭିନ୍ନ ବନ୍ଦୋବସ୍ତ ମାଧ୍ୟମରେ ଅବିଚାରିତ ଖଜଣା ବୃଦ୍ଧି, ୧୯୦୭ର ସି.ଡବ୍ଲୁ.ଇ କନୋଲିଙ୍କ ବନ୍ଦୋବସ୍ତରେ 'ଖୁଣ୍ଟିକାଟି ପ୍ରଥା' ଉଚ୍ଛେଦ ଗୋଡ଼ାଜମିର ଖଜଣା ବଦଳରେ ବେଠି, ବେଗାରୀ, ନୂଆବାଦୀ ବନ୍ଦୋବସ୍ତରେ ପୁନଶ୍ଚ ଖଜଣା ବୃଦ୍ଧି ଓ ସବାଶେଷରେ ୧୯୨୯ର ମୁଖାର୍ଜୀ ବନ୍ଦୋବସ୍ତରେ ସମସ୍ତ ସୀମା ଲଂଘନ କରି ବ୍ୟାପକ ଖଜଣା ବୃଦ୍ଧି, ଗୋଡ଼ ଜମି ଉପରେ ଖଜଣା ବାହାର କରାଯିବା ଫଳରେ ପ୍ରଜା ମାନଙ୍କର ସାଧାରଣ ଅର୍ଥନୀତି ତଳିତଳାନ୍ତ ହେବା ସହ ସେମାନେ ତାତି ଉଠିଥିଲେ । ଆଉ ଠିକ୍ ଏହି ସମୟରେ ଫ୍ରାନସ ସହ ପ୍ରଥମ ବିଶ୍ୱଯୁଦ୍ଧରେ ଲଢ଼େଇ କରିଥିବା ଯୋଦ୍ଧା ନିର୍ମଳ ମୁଣ୍ଡା ୧୯୧୯ରେ ନିଜ ଗାଁ ସିମକୋକୁ ଫେରି ଆସିଥିଲେ । ସେ ଆଦିବାସୀମାନଙ୍କ ଦୂରାବସ୍ଥା ଦେଖି ସ୍ଥିର ହୋଇ ରହି ପାରିଲେ ନାହିଁ । ସେମାନଙ୍କୁ ଏକତ୍ରିତ କରି ଇଂରେଜ ସରକାର ଓ ଗାଙ୍ଗପୁର ଦରବାର ବିରୋଧରେ ବିଦ୍ରୋହ ଘୋଷଣା କରିଦେଲେ । ଡାହିଜିରା (ବାରଟୁଲି) ଗ୍ରାମ ଥିଲା ତାଙ୍କ ବିସ୍ମୃତ ବିଦ୍ରୋହର କେନ୍ଦ୍ରବିନ୍ଦୁ । ମୁଖାର୍ଜୀ ବନ୍ଦୋବସ୍ତ ଚାଲିଥିଲା ବେଳେ ୧୯୩୫ ସେପ୍ଟେମ୍ବର ମାସରେ ମୁଣ୍ଡାମାନେ ଗଭର୍ଣ୍ଣର ଜେନେରାଲଙ୍କ ପଲିଟିକାଲ ଏଜେଣ୍ଟଙ୍କୁ ବନ୍ଦୋବସ୍ତ ବିରୋଧ କରି ଦରଖାସ୍ତ ଦେଇଥିଲେ । ହେଲେ ଏହା ନାକଚ ହୋଇଗଲା । ଏହା ବିରୋଧରେ ଚିଠି ଓ ଟେଲିଗ୍ରାମ ଦେଇ ମଧ କିଛି ଫଳ ହେଲା ନାହିଁ । ଆଦିବାସୀ ମାନେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରି ଖୁଣ୍ଟକାଟି ବ୍ୟବସ୍ଥାକୁ ସ୍ୱୀକୃତି ଦେବାକୁ ଦାବି କଲେ । ନିର୍ମଳ ମୁଣ୍ଡା ରାଜ ଦରବାରରେ ବର୍ଦ୍ଧିତ ଖଜଣା ବିରୋଧରେ ସ୍ୱର ଉତ୍ତୋଳନ କଲେ । ଏହି ଦରଖାସ୍ତ ନେଇ ସେ ରାଞ୍ଚି ଯାଇ ପଲିଟିକାଲ ଏଜେଣ୍ଟଙ୍କ ପାଖରେ ପେସକଲେ । ତାହା ମଧ ନାମଞ୍ଜୁର ହେଲା । ପରେ ସେ ବଡ଼ଲାଟଙ୍କ ପାଖକୁ ଦିଲ୍ଲୀ ଗଲେ । ହେଲେ କିଛି ଫଳ ହେଲା ନାହିଁ । ବିଦ୍ରୋହ ଆହୁରି ଉଗ୍ର ରୂପ ଧାରଣ କରିବାକୁ ଲାଗିଲା । କେହି ଖଜଣା ଦେଲେ ନାହିଁ । ଗାଙ୍ଗପୁର ଦରବାର ବିଦ୍ରୋହକୁ ଦୃଢ଼ ହସ୍ତରେ ଦମନ କରିବାକୁ ଚେଷ୍ଟା କଲା । ପରେ ରାଞ୍ଚିରୁ ଲଥରାନ ଚର୍ଚ୍ଚ କାଉନସିଲର ଏକ ପ୍ରତିନିଧି ମଣ୍ଡଳି ଆସି ଆଦିବାସୀ ଖ୍ରୀଷ୍ଟିୟାନ ମାନଙ୍କୁ ଖଜଣା ଦେବାକୁ ପ୍ରବର୍ତ୍ତାଇଲେ । ରାଣୀ ଜାନକୀ ରତ୍ନା ସମଗ୍ର ରାଜ୍ୟ ଗସ୍ତ କରି ପ୍ରଜାମାନଙ୍କୁ ବୁଝାଇଲେ । ହେଲେ, କିଛି ଲାଭ ହେଲା ନାହିଁ । ମୁଣ୍ଡାମାନେ ରାଣୀଙ୍କ ସଭାକୁ ବର୍ଜନ କଲେ । ଫଳରେ ଦରବାର ତରଫରୁ କଠୋର ପଦକ୍ଷେପ ନିଆଗଲା । ବିଦ୍ରୋହର ନେତାମାନଙ୍କ ବିରୋଧରେ ମିଥ୍ୟା ମୋକଦ୍ଦମା ମାନ ରୁଜୁ କରାଗଲା । ଧମକ, ଚମକ, ଦିଆଗଲା । କେତେକଙ୍କୁ ଜେଲ ହାଜତରେ ପୁରାଇ ଦିଆଗଲା । ହେଲେ ଅତ୍ୟାଚାର, ଯେତେବେଳେ ବଢ଼ିଲା... ପ୍ରତିରୋଧର ସ୍ୱର ମଧ ସେତେବେଳେ ତେଜିଲା । ୧୯୩୯ ଫେବୃୟାରୀରେ ରାଣୀ ସରଗିପାଲି ଠାରେ ଏକ ବିରାଟ ସଭା କଲେ । ସେଠାରେ ମଧ ତାଙ୍କୁ ଏକ ଦାବିପତ୍ର ଦିଆଯାଇ ବର୍ଦ୍ଧିତ ଖଜଣା ରଦ୍ଦ କରି ଅନ୍ୟାନ୍ୟ ସୁବିଧାସୁଯୋଗ ଦେବାକୁ ନିବେଦନ କରାଗଲା । ହେଲେ ତାହା ମଧ ଦରବାର ତରଫରୁ ପ୍ରତ୍ୟାଖ୍ୟାତ ହେଲା । ସେହି ବର୍ଷ ମାର୍ଚ୍ଚ ମାସରେ ପଲିଟିକାଲ ଏଜେଣ୍ଟ ଗାଙ୍ଗପୁର ଆସି କୁତ୍ରା ଠାରେ ଏକ ସଭା କଲେ । ପ୍ରଜାମାନେ ଏହି ସଭାକୁ ବର୍ଜନ କଲେ । ଅପମାନିତ ହୋଇ ପଲିଟିକାଲ ଏଜେଣ୍ଟ କଲିକତା ଯାଇ ରେସିଡେଣ୍ଟଙ୍କ ସହ ପରାମର୍ଶ କରି କଟକରୁ ୩୦ ଜଣ ପୁଲିସ ମଗାଇଲେ । ରାତାରାତି ୧୦ ଜଣ ନେତାଙ୍କୁ ବନ୍ଦୀ କରାଗଲା । ହେଲେ ଆଦିବାସୀଙ୍କ ନେତା ନିର୍ମଳ ମୁଣ୍ଡାଙ୍କୁ ସେମାନେ ଧରି ପାରିଲେ ନାହିଁ । ସେ ବୁଲି ବୁଲି ଆଦିବାସୀମାନଙ୍କୁ ସରକାରଙ୍କ ବିରୋଧରେ ଅଧିକ ମତାଇବାକୁ ଲାଗିଲେ । ଏପ୍ରିଲ ୧୦ରେ ରାଜଦ୍ରୋହ ସୂଚକ ସଭା କରି ମୁଣ୍ଡା ଆଦିବାସୀମାନେ ପୁଲିସକୁ ପ୍ରଚଣ୍ଡ ବାଧା ଦେବାକୁ ନିଷ୍ପତ୍ତି ନେଲେ । ଏପଟେ ନିର୍ମଳ ମୁଣ୍ଡାଙ୍କୁ ଗିରଫ କରିବାକୁ ପୁଲିସ ଦିନରାତି ଖୋଜି ବୁଲିଲେ । ଏପ୍ରିଲ ୧୮ ତାରିଖ ଦିନ ସିମକୋ ଠାରେ ନିର୍ମଳଙ୍କ ସମର୍ଥକମାନେ ଅସ୍ତ୍ରଶସ୍ତ୍ର ଧରି ବାଧା ଦେବାରୁ ପୁଲିସମାନେ ତାଙ୍କୁ ଗିରଫ କରିପାରିଲେ ନାହିଁ । ଏହି ବିଜୟ ପରେ ଆଦିବାସୀମାନେ ନିର୍ମଳଙ୍କ 'ରାଜା' ବୋଲି ଘୋଷଣା କରିଦେଲେ ।

ନିର୍ମଳଙ୍କୁ ଧରି ନ ପାରି ରାଜଦରବାର ଛଳନାର ଆଶ୍ରୟ ନେଲା । ତାଙ୍କୁ ମିଥ୍ୟା ଖବର ଦିଆଗଲା ଯେ, ଇଂରେଜ ସରକାରଙ୍କ ପ୍ରତିନିଧି ତଥା ରାଜ ଦରବାରର ପ୍ରତିନିଧି ୨୫ ତାରିଖ ଦିନ ତାଙ୍କୁ ଭେଟିବାକୁ ସିମକୋ ଆସି ସ୍ଥାନୀୟ ଜନସାଧାରଣଙ୍କ ସହ ପ୍ରଚଳିତ ଖଜଣା ନୀତି ସଂପର୍କରେ ଆଲୋଚନା କରିବେ । ନିର୍ମଳ ମୁଣ୍ଡା ଏ ଖବର ସମସ୍ତଙ୍କୁ ଜଣାଇ ସେଦିନ ସମସ୍ତେ ଉପସ୍ଥିତ ରହିବାକୁ ଅନୁରୋଧ କଲେ । ୨୫ ତାରିଖ ସକାଳୁ ଆଖ ପାଖର ଗାଁ ଗଣ୍ଡାରୁ ହଜାର ହଜାର ସଂଖ୍ୟାରେ ଆଦିବାସୀମାନେ ସେମାନଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧନୁତୀର ଇତ୍ୟାଦି ଧରି ନିର୍ମଳଙ୍କ ଘର ସମ୍ମୁଖରେ ଉପସ୍ଥିତ ହେଲେ । ଅନ୍ୟ ଦିଗରେ ଗାଙ୍ଗପୁର ଦରବାର ଇଂରେଜ ସରକାରଙ୍କ ଠାରୁ ବ୍ୟାପକ ସଂଖ୍ୟାରେ ପୋଲିସ ଫୋର୍ସ ମଗାଇଲେ । ୨୪ ତାରିଖ ସନ୍ଧ୍ୟା ସୁଦ୍ଧା ସଶସ୍ତ୍ର ପୁଲିସ ବାହିନୀ ସହକାରୀ ପଲିଟିକାଲ ଏଜେଣ୍ଟ ଲେଫ୍‌ଟନାଣ୍ଟ ଇ.ଡବ୍ଲୁ.ଏମ୍ ମାଗୋର ନାଗ୍ରା ସବ ଡିଭିଜନ ଏସ୍.ଡି.ଓଙ୍କ ସହ ଗାଙ୍ଗପୁର ରାଜଧାନୀରେ ପହଞ୍ଚିଲେ । ସେମାନେ ୨୫ ତାରିଖ ଦିନ ସଜବାଜ ହୋଇ ରାୟବଗା ଠାରେ ପହଞ୍ଚିଲେ । ରାୟବଗାରୁ ଉପର ଓଳି ସିମକୋ ଯାଇ ନିର୍ମଳ ମୁଣ୍ଡାକୁ ଗିରଫ କରିବା ସେମାନଙ୍କ ଉଦ୍ଦେଶ୍ୟ ଥିଲା । ସନ୍ଧ୍ୟା ୪ଟା ବେଳେ ପୁଲିସ ବାହିନୀ ସିମକୋ ପହଞ୍ଚି ଦେଖିଲେ ଯେ, ବହୁ ଆଦିବାସୀ ନିର୍ମଳ ମୁଣ୍ଡାଙ୍କ ଘରକୁ ଠେଙ୍ଗା, ବାଡ଼ି, ଧନୁତୀର ଧରି କରି ରହିଛନ୍ତି । ଏହି ବାହିନୀର ନେତୃତ୍ୱ ନେଇଥିବା ଲେଫ୍‌ଟନାଣ୍ଟ ମାଗୋର କେତେ ଜଣ ଆଦିବାସୀଙ୍କୁ ଚାବୁକ୍‌ରେ ବାଡ଼େଇ ବାଡ଼େଇ ନିର୍ମଳ ମୁଣ୍ଡା କିଏ ବୋଲି ପଚାରିବାରୁ ସମସ୍ତେ ନିଜକୁ ନିର୍ମଳ ମୁଣ୍ଡା ବୋଲି କହିବା ଫଳରେ ସେ ଉତକ୍ଷିପ୍ତ ହୋଇ ଉଠିଲେ । କ୍ରୋଧରେ ଲେଫ୍‌ଟନାଣ୍ଟ ମାଗୋର ନିର୍ମଳ ମୁଣ୍ଡା ଥିବା ସନ୍ଦେହ କରି ଏକ ନୂଆଁଣୀଆ ଚାଳ ଘରକୁ ଧସାଇ ପଶିଯିବା ବେଳେ ଏକ ମୁନିଆଁ ବାଉଁଶ ତାଙ୍କ ମୁଣ୍ଡରେ ବାଜି ଟୋପି ଚିରି ରକ୍ତ ବାହାରିବାକୁ ଲାଗିଲା । ମାଗୋର କେହି ତାଙ୍କୁ ଆକ୍ରମଣ କରିଦେଲା ଭାବି ବାୟୋନେଟରେ ଦୁଇ ଚାରିଜଣ ଆଦିବାସୀଙ୍କୁ ଭୁଷି ଦେଲେ । ସେମାନେ ତଳେ ପଡିଗଲେ । ତାପରେ ସେ ହୁଇସିଲ ବଜାଇଲା ମାତ୍ରକେ ପୁଲିସ ନିରୀହ ଆଦିବାସୀଙ୍କ ଉପରେ ତିନି ଦିଗରୁ ଅବିଶ୍ରାନ୍ତ ବନ୍ଧୁକ ଗୁଳି ବର୍ଷଣ ଆରମ୍ଭ ହୋଇଗଲା ।

ତାପରେ, ଆମକୋ ସିମକୋର ସବୁଜ ପଡ଼ିଆ ସଂପୂର୍ଣ୍ଣ ରକ୍ତ ରଂଜିତ ହେଲା । ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନର ଅନ୍ୟ ଦେଶଭକ୍ତ ମାନଙ୍କ ସହ ଗୋରା ପୁଲିସଙ୍କ ବନ୍ଧୁକ ଗୁଳିରେ ସୂର୍ଯ୍ୟାସ୍ତ ପୂର୍ବରୁ ୪୦ ରୁ ଉର୍ଦ୍ଧ୍ୱ ଦେଶ ପ୍ରେମୀଙ୍କ ରକ୍ତାକ୍ତ ଶବ ଏଠାରେ ଲୋଟି ପଡିଲା । ୮୦ ରୁ ଉର୍ଦ୍ଧ୍ୱ କ୍ଷତବିକ୍ଷତ ହୋଇ କରୁଣ ଚିତ୍କାର କଲେ । ନେତୃତ୍ୱ ନେଉଥିବା ଚତୁର ନିର୍ମଳ ମୁଣ୍ଡା କିନ୍ତୁ ଖସିଗଲେ ଇଂରେଜ ସୈନିକଙ୍କ ହାତରୁ । ଫଳରେ ଗୋରା ସରକାର ନିର୍ମଳ ମୁଣ୍ଡାଙ୍କୁ ହତ୍ୟା କରିବାର ରୋଷରେ ଅମାନୁଷିକ ଭାବେ ହତ୍ୟା କଲେ ଆଦିବାସୀ ଯୋଦ୍ଧା ଗଣଙ୍କୁ । ମୃତକ ମାନଙ୍କୁ ସରକାରୀ ଗାଡ଼ିଙ୍କୁ ଘୋଷାରୀ ଘୋଷାରୀ ନେଇ ବୀର ମିତ୍ରପୁର ଠାରେ ଥିବା ଚୁନଭାଟିରେ ପକାଇ ଭଷ୍ମ କରି ଦିଆଗଲା । ଏହି ଗୁଳିକାଣ୍ଡ ସ୍ଥଳରେ ଥିବା ସହିଦ ସ୍ତମ୍ଭରେ ମୃତ ସଂଖ୍ୟା ୪୨ ଓ ଆହତଙ୍କ ସଂଖ୍ୟା ୮୨ ବୋଲି ଉଲ୍ଲେଖ କରାଯାଇଥିଲେ ହେ ଡଃ ମହତାବଙ୍କ ମତରେ ଏହା ୩୦୦ ରୁ ବେଶୀ ହେବ ବୋଲି ଜଣା ପଡେ ।

ଗୁଳିକାଣ୍ଡ ପରେ ନିର୍ମଳ ମୁଣ୍ଡାଙ୍କୁ ଗିରଫ କରାଯାଇ ସୁନ୍ଦରଗଡ଼, ସମ୍ବଲପୁର ଓ ରାୟଗଡ଼ ଜେଲରେ ରଖା ଯାଇଥିଲା । ସେ ଓ ତାଙ୍କ ସହଯୋଗୀ ମାନଙ୍କ ଧନ ସଂପଦ ଲୁଟ କରି ମିଥ୍ୟା ଅଭିଯୋଗରେ ସେମାନଙ୍କୁ ଜେଲ ପଠାଇ ଦିଆଯାଇଥିଲା । ଗୁଳିକାଣ୍ଡ ପରେ ମଧ ଦମନ ଲୀଳା ଅନେକ ଦିନ ଧରି ଚାଲିଥିଲା ।

ପ୍ରତିବର୍ଷ ଏଠାରେ ସହିଦ ଦିବସ ପାଳିତ ହୁଏ । ସେହି ମହାନ୍ ଦେଶଭକ୍ତ ମାନଙ୍କୁ ଏଠାରେ ସ୍ମରଣ କରିବା ପାଇଁ ସ୍ମୃତିସଭା ଆୟୋଜନ ହୋଇଥାଏ । ଏଠାକାର ଆଦିବାସୀମାନଙ୍କ ଠାରୁ ଅଭିଯୋଗ ମିଳେ ଆମକୋ ସିମକୋ ପରି ସଂଗ୍ରାମ ତୀର୍ଥ ଓ ସହୀଦ ନିର୍ମଳ ମୁଣ୍ଡାଙ୍କ ପଲ୍ଲୀଭୂଇଁ ଅବହେଳିତ । ଇତିହାସ ଏହି ତୀର୍ଥକୁ ଓ ସେମାନଙ୍କର ପ୍ରିୟ ନେତାଙ୍କୁ ସ୍ମରଣ କରିବା ପାଇଁ ଆଜିଯାଏ ବିଶେଷ ସୁଯୋଗ ଦେଇ ନାହିଁ । ନିର୍ମଳ ମୁଣ୍ଡାଙ୍କ ଗାଁ ବାରଟୁଲୀ ଅବହେଳାର ଅର୍ଗଳୀରେ ବନ୍ଦୀ... ।

**କୁଲୁଥକାନୀ, ଆନନ୍ଦନଗର,**
**ସମ୍ବଲପୁର- ୭୬୮୦୦୧,**
**ମୋ: ୯୩୩୭୩୭୯୧୮୨**

## ଟିକିଏ ହସନ୍ତୁ

ଲଲ୍ଲୁ (ପ୍ରେମିକା କୁ): ମୁଁ ଆଜି ତୁମ ସହିତ ସବୁ ଜିନିଷ ସେୟାର କରିବି ।
ପ୍ରେମିକା: ଭଲ କଥା । ତା' ହେଲେ ଚାଲ ବ୍ୟାଙ୍କ ଆକାଉଣ୍ଟରୁ ଆରମ୍ଭ କରିବା ।

× × × ×

ପିଙ୍କୁ (ବାପା କୁ): ନେତାମାନଙ୍କ ପୋଷାକ ଧଳା କ'ଣ ପାଇଁ ?
ବାପା: ପୁଅ, ତାକି ଦଳ ବଦଳେଇ ଲେ ବି ପୋଷାକ ବଦଳାଇବାକୁ ପଡିବନି ।

× × ×



ଚାକରାଣି (ମାଲିକାଣି କୁ): ବାହାରକୁ ଆସ, ପଡୋଶୀର ତିନିଜଣ ମହିଳା ତୁମ ଶାଶୂଙ୍କୁ ପିଟୁଛନ୍ତି । ମାଲିକାଣି ବାହାରକୁ ଆସି ଦେଖିବାକୁ ଲାଗିଲେ ।
ଚାକରାଣି: ଆପଣ ତାଙ୍କୁ ସାହାଯ୍ୟ କରିବାକୁ ଯିବେନି ।
ମାଲିକାଣି: ନାଁ, ତିନିଜଣ ତ ଅଛନ୍ତି ।

× × × ×

ଚିଣ୍ଟୁ: ମତେ ଇଂରାଜୀ ଫିଲ୍ମ ଦେଖିବାକୁ ବହୁତ ଭଲ ଲାଗେ । ଯେତେବେଳେ ଟାଇଟନିକ୍ ଆସିଥିଲା । ମୁଁ ପାଞ୍ଚଥର ଦେଖିଥିଲି । ତୁ କେତେ ଥର ଦେଖିଛୁ ?
ପିଣ୍ଟୁ: ମୁଁ ତ ଥରେ ଦେଖି ସବୁ ବୁଝିଗଲି ।

× × × × × ×

ଛୋଟ ପିଲାଟିଏ ମା'ଙ୍କୁ : ମାମା ଆଜି ମୋର ସାଙ୍ଗମାନେ ଘରକୁ ଆସିବେ ବୋଲି କହୁଛନ୍ତି । ତମେ ମୋର ସବୁ ଖେଳଣା ଲୁଚେଇ ରଖିଦେବ ।
ମାଁ- କାହିଁକି ? ତୋର ସବୁ ସାଙ୍ଗ କ'ଣ ଚୋର ?
ପିଲା: ନାଇଁ ମା । ସେମାନେ କାଲେ ତାଙ୍କ ଖେଳଣା ଚିହ୍ନିଯିବେ, ସେଥିପାଇଁ ଲୁଚେଇଦିଅ ।

ବର୍ଷ ୨୫, ସଂଖ୍ୟା-୨୯, ୧୫ - ୨୧ ଅଗଷ୍ଟ ୨୦୨୧

# ଅଲମ୍ପିକରୁ ଆତ୍ମଚିନ୍ତନ

କରୋନା ମହାମାରୀ ଆତଙ୍କ ପାଇଁ ଆଶା ଆଶଙ୍କାରେ ରହିଥିବା ଟୋକିଓ ଅଲିମ୍ପିକସ ସଫଳତାର ସହିତ ଶେଷ ହୋଇଛି । ଟୋକିଓରେ ଭାରତ ଅଲିମ୍ପିକସ ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିବାକୁ ସକ୍ଷମ ହୋଇଛି । ଭାରତ ଟୋକିଓ ଅଲିମ୍ପିକସରେ ରୂପା ପଦକରୁ ଅଭିଯାନ ଆରମ୍ଭ କରି ସୁନାରେ ଶେଷ କରିଛି । ଭାରତୀୟ ପ୍ରତିଯୋଗୀମାନେ ଗୋଟିଏ ସ୍ୱର୍ଣ୍ଣ, ୨ ଟି ରୌପ୍ୟ ଓ ୪ଟି କାଂସ୍ୟ ସହ ୭ଟି ପଦକ ବିଜୟୀ ହୋଇଛନ୍ତି । ଯାହା ଭାରତର ଅଲିମ୍ପିକସ ଇତିହାସରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ । ଅଲିମ୍ପିକସରେ ଦୌଡ଼କୁଦରେ ପ୍ରଥମ ଥର ପାଇଁ ନୀରଜ ଚୋପ୍ରା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ପୁରୁଷ ହକି ଦଳ ୪୧ ବର୍ଷ ପରେ ପଦକ ଧାରାକୁ ଫେରିଥିଲା ।


ସାରା ପୃଥିବୀକୁ ପ୍ରତିନିଧିତ୍ୱ କରୁଥିଲେ ୨୦୬ ଦେଶରୁ ୧୧୭୦୭ ଖେଳାଳି । ସମସ୍ତଙ୍କ ଲକ୍ଷ୍ୟଥିଲା ସେଇ ଚିର ଅଭିଳଷିତ ୩୩୯ ଟି ସ୍ୱର୍ଣ୍ଣ ପଦକ ଉପରେ । ସମସ୍ତ ପ୍ରତିଯୋଗୀ ନିଜର ଶ୍ରେଷ୍ଠ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିବାରେ ଲାଗିପଡିଥିଲେ । ସବୁ ଦେଶର କୋଟି କୋଟି ଲୋକ ଅପେକ୍ଷା କରି ରହୁଥିଲେ ସେଇ ଅବିସ୍ମରଣୀୟ ମୁହୂର୍ତ୍ତଟିକୁ । କେତେବେଳେ ତାଙ୍କ ଦେଶର ଜାତୀୟ ସଂଗୀତ ବାଜିବ ଆଉ ତାର ତାଳେତାଳେ ଫରଫର ହୋଇ ଉଡୁଥିବ ଜାତୀୟ ପତାକା । ସର୍ବଶ୍ରେଷ୍ଠ ପ୍ରତିଯୋଗୀଙ୍କ ଗଳାରେ ଝୁଲୁଥିବ ସର୍ବୋଚ୍ଚ ସାଫଲ୍ୟର ସର୍ବୋତ୍ତମ ଜୟମାଲ୍ୟ ସ୍ୱର୍ଣ୍ଣ ପଦକ ।

ଆମ ଦେଶର ୧୩୮ କୋଟି ଲୋକଙ୍କ ପାଇ ଏ ସୌଭାଗ୍ୟ ବହୁତ କ୍ୱଚିତ ଆସିଛି । ଅଲିମ୍ପିକର ୧୨୧ ବର୍ଷ ଇତିହାସରେ ୧୧ ଅଗଷ୍ଟ ୨୦୦୮ ବେଜିଙ୍ଗ ଅଲିମ୍ପିକରେ ୧୦ ମିଟର ରାଇଫଲ ଚାଳନାରେ ବ୍ୟକ୍ତିଗତ ପ୍ରତିଯୋଗିତାରେ ଏ ପର୍ଯ୍ୟନ୍ତ ଏକମାତ୍ର ସ୍ୱର୍ଣ୍ଣ ପଦକ ଅଭିନବ ବିନ୍ଦ୍ରା ଜିତିଥିଲେ । ଏଥର ଜାଭେଲିନ ଥ୍ରୋରେ ହରିୟାଣା ପାନିପତର ନୀରଜ ଚୋପ୍ରାଙ୍କର ଅବିଶ୍ୱାସ୍ୟ କ୍ରୀଡ଼ା ନୈପୁଣ୍ୟ ଫଳରେ ୧୩ ବର୍ଷ ପରେ ପୋଡିୟମରେ ପୁଣି ବାଜି ଉଠିଲା ଆମ ଜାତୀୟ ସଂଗୀତ । ସାରା ଦେଶ ଉତ୍ସବ ମୁଖର । ମିଲଖା ସିଂଙ୍କର ସ୍ୱପ୍ନ, ପି.ଟି.ଉଷା ଓ କୋଟି କୋଟି ଭାରତୀୟଙ୍କର ଆଶା ଫଳପ୍ରସୂ ହେଲା । ଆମ ପାଇଁ ଦୌଡ଼କୁଦରେ ପ୍ରଥମ ସ୍ୱର୍ଣ୍ଣପଦକ ।

ଏବେ ଜୟ ପରାଜୟ ପ୍ରାପ୍ତି ଅପ୍ରାପ୍ତିର ସମୀକ୍ଷା ଓ ଆତ୍ମ ମନ୍ଥନର ବେଳ । ଆମର ସର୍ବକାଳୀନ ସର୍ବଶ୍ରେଷ୍ଠ ପ୍ରଦର୍ଶନ ସତ୍ତ୍ୱେ ଆମେ ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ଚାରିଟି କାଂସ୍ୟ ସହ ସମୁଦାୟ ସାତୋଟି ପଦକ ପାଇଲଉ । ପୁରୁଷ ହକି ଦଳଗତ ପଦକ ବ୍ୟତୀତ ହରିୟାଣା ୩ ଟି, ଉତ୍ତରପୂର୍ବ ରାଜ୍ୟ ୨ଟି ଓ ତେଲଙ୍ଗାନା ଗୋଟିଏ, ଏମିତି ୬ଟି ପଦକ ପାଇଲୁ । ଭାରୋତ୍ତଳନରେ ମଣିପୁରର ମୀରାବାଈ ଚାନୁ ଓ କୁସ୍ତିରେ ହରିୟାଣା ସୋନିପତର ରବି କୁମାର ଦହିୟା ଅଳ୍ପକେ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇ ରୌପ୍ୟ ପଦକ ପାଇବା ସହ ମୁଷ୍ଟିଯୁଦ୍ଧରେ ଆସାମ ଗୋଲାଘାଟର ଲଭଲିନା ବୋଗୋହେଁ କୁସ୍ତିରେ ହରିୟାଣା ଝାଝରର ବଜରଙ୍ଗ ପୁନିଆ ଓ ବ୍ୟାଡ଼ମିଣ୍ଟନରେ ହାଇଦରାବାଦର ପି.ଭି. ସିନ୍ଧୁ ନିଜ ନିଜର ଚମତ୍କାର କ୍ରୀଡ଼ା କୌଶଳ ବଳରେ କାଂସ୍ୟ ପଦକରେ ବିଭୂଷିତ ହେଲେ । ମସ୍କୋ ଅଲିମ୍ପିକର ଦୀର୍ଘ ୪୧ ବର୍ଷ ପରେ ଭାରତୀୟ ହକି ଦଳ ଅସାଧାରଣ ଦଳଗତ ଖେଳ ପ୍ରଦର୍ଶନ କରି ସେମିଫାଇନାଲରେ ବେଲଜିୟମ ସହ ଚମତ୍କାର ଖେଳି ପ୍ରବଳ ପ୍ରତିଦ୍ୱନ୍ଦିତାମୂଳକ ପ୍ରତିଦ୍ୱନ୍ଦିତାରେ ଜର୍ମାନୀକୁ ୫-୪ ଗୋଲରେ ପରାସ୍ତ କରି କାଂସ୍ୟ ପଦକ ପାଇଲା । ଏମାନଙ୍କ ବ୍ୟତୀତ ଗଲ୍ଫରେ ବେଙ୍ଗାଲୁରୁର ଅଦିତି ଅଶୋକ, ମୁଷ୍ଟିଯୁଦ୍ଧରେ ମେରିକମ ଓ ଭାରତୀୟ ମହିଳା ହକି ଦଳ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଶେଷ ମୁହୂର୍ତ୍ତରେ ପଦକ ପ୍ରାପ୍ତିରୁ ବଞ୍ଚିତ ହୋଇଥିଲେ ବି କୋଟି କୋଟି ଦେଶବାସୀଙ୍କ ହୃଦୟ ଜୟ କରି ପାରିଥିଲେ । ଯେମିତି ୧୯୬୦ ରୋମ ଅଲିମ୍ପିକସରେ ଅନବଦ୍ୟ କିମ୍ବଦନ୍ତୀ ଆଥଲେଟ ମିଲଖା ସିଂ, ୧୯୮୪ ଲସ ଏଞ୍ଜେଲେସ ଅଲିମ୍ପିକରେ ଦୌଡରାଣୀ ପି.ଟି.ଉଷା, ୨୦୧୬ ରିଓ ଅଲିମ୍ପିକରେ ଜିମ୍ନାଷ୍ଟ ଦୀପା କର୍ମକାର ଅଲିମ୍ପିକ ପଦକରୁ ବଞ୍ଚିତ ହୋଇଥିଲେ ବି ସେମାନଙ୍କର ଅବିସ୍ମରଣୀୟ ପ୍ରଦର୍ଶନ କୌଣସି ବିଜୟୀ ପ୍ରତିଯୋଗୀଙ୍କ ଠାରୁ କମ ନୁହେଁ । ବିଜୟୀ କ୍ରୀଡ଼ାବିତଙ୍କ ପରି ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଅଛି ଏହି ମହାନ ଖେଳାଳିଙ୍କ ଗୌରବଦୀପ୍ତ କଥା ଓ ଗାଥା । କୃତଜ୍ଞ କ୍ରୀଡ଼ାପ୍ରେମୀଙ୍କ ପାଇଁ ସେମାନେ ବି ଚିରକାଳ ଅନୁପ୍ରେରଣାର ସ୍ରୋତ ।

ଆମର ଅନେକ ଖେଳାଳି ମୁଷ୍ଟିଯୁଦ୍ଧରେ ଅମିତ ପାଙ୍ଗଲ, ବନ୍ଧୁକ ଚାଳନାରେ ସୌରଭ ଓ ମନୁ ଭାକର, କୁସ୍ତିରେ ଭିନେଶ ଫୋଗାତ, ଦୀପକ ପୁନିଆ, ତୀରନ୍ଦାଜରେ ଦୀପିକା କୁମାରୀ ଓ ପ୍ରବୀଣ ଯାଦବ, ଡିସକସ ଥ୍ରୋରେ କମଲପ୍ରୀତ କୌର ନିଜର ଦକ୍ଷତା ଅନୁରୂପ କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରି ପାରିଥିଲେ ଭାରତର ପଦକ ସଂଖ୍ୟା ଆହୁରି ଯଥେଷ୍ଟ ଅଧିକ ହୋଇଥାନ୍ତା ।

ଆମ ଏସୀୟ ମହାଦେଶର ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦୀ ଚୀନ ଓ ଜାପାନର ପ୍ରଦର୍ଶନ ଅତ୍ୟନ୍ତ ଉଚ୍ଚକୋଟୀର । ଚୀନ ୩୮ ଟି ସ୍ୱର୍ଣ୍ଣପଦକ ସହ ୫୮ ଟି ପଦକ ପାଇଛନ୍ତି । ସଚରାଚର ସମାରୋହ ସରିଗଲେ ସମୟ ଗଡିଯାଏ । କରତାଳି ଥମିଯାଏ । ପୁଣି ଆଉ ଗୋଟିଏ ଏସିଆନ ଗେମ୍ସ, କମନୱେଲଥ ଖେଳ କି ଅଲିମ୍ପିକ ଖେଳକୁ ଆମେ ଅପେକ୍ଷା କରୁ । 'ପାଗ ଭିଡୁଭିଡୁ କଚେରି ବରଖାସ୍ତ' ହୋଇଯାଏ । ଓଡ଼ିଶା ସରକାର ଗତ ତିନି ବର୍ଷ ଧରି ଉଭୟ ପୁରୁଷ ଓ ମହିଳା ହକି ଖେଳର ପୃଷ୍ଠପୋଷକତା କରି ଯେପରି ନିରବଚ୍ଛିନ୍ନ ପ୍ରୋତ୍ସାହନ ଦେଇ ଆସିଛନ୍ତି ତାହା ପ୍ରଶଂସାର୍ହ । ବାକି ରାଜ୍ୟ ସରକାର ଓ ସମସ୍ତ ଶିଳ୍ପପତି, ଶିଳ୍ପସଂସ୍ଥା, କର୍ପୋରେଟ, ଗୋଟିଏ ନିର୍ଦ୍ଦିଷ୍ଟ ଖେଳକୁ ପୋଷ୍ୟ ଭାବେ ଗ୍ରହଣ କରି ସମସ୍ତ ଆବଶ୍ୟକ ଭିତ୍ତିଭୂମିକୁ ଆନ୍ତର୍ଜାତିକ ସ୍ତରର କରି ବିଭିନ୍ନ ସଂସ୍ଥା ସହ ସମନ୍ୱୟ ରକ୍ଷା କରି ଗ୍ରାମ ଓ ପଞ୍ଚାୟତସ୍ତରରୁ ପ୍ରତିଭା ଚିହ୍ନଟକରି ସେମାନଙ୍କୁ ସର୍ବୋତ୍କୃଷ୍ଟ ପ୍ରଶିକ୍ଷଣ ଓ ସୁବିଧା ସୁଯୋଗ ଦେବା ଆବଶ୍ୟକ । କ୍ରୀଡ଼ାବିତଙ୍କୁ ସର୍ବକାଳୀନ ସର୍ବଶ୍ରେଷ୍ଠ କରି ଗଢ଼ିତୋଳିବା ପାଇଁ ନିଷ୍ଠାର ସହ ଏବେଠାରୁ କାର୍ଯ୍ୟ କଲେ ୨୦୨୪ ପ୍ୟାରିସ ଅଲିମ୍ପିକରେ ଆମେ ଭଲ ଫଳ ପ୍ରଦର୍ଶନ କରିପାରିବା ।



# ହିନ୍ଦୁଧର୍ମରେ ଗାଈର ସ୍ଥାନ

**ମହାତ୍ମା ଗାନ୍ଧୀ**

ଗୋଜାତିର ସୁରକ୍ଷା ହେଉଛି ହିନ୍ଦୁଧର୍ମର ସବୁଠୁ ମହତ୍ତ୍ୱପୂର୍ଣ୍ଣ କଥା । ମନୁଷ୍ୟର ବିବର୍ତ୍ତନରେ ଗୋଜାତିର ସୁରକ୍ଷାକୁ ମୁଁ ଗୋଟିଏ ଅତ୍ୟନ୍ତ ଚମତ୍କାର ଘଟଣା ବୋଲି ବିଚାର କରୁଛି । ଏହା ମନୁଷ୍ୟସତ୍ତାକୁ ତା' ଜୀବଜାତିର ସୀମାଟି ମଧରୁ ଅତିକ୍ରମ କରାଇ ନେଇଥାଏ । ମୋ' ପାଇଁ ଗୋଜାତି କହିଲେ ସମଗ୍ର ମନୁଷ୍ୟଜାତିର ପୃଥିବୀକୁ ବୁଝାଏ । ଜଗତରେ ଯାହାକିଛି ଜୀବନରେ ରହିଛି, ଗୋଜାତିର ମାଧମରେ ହିଁ ମନୁଷ୍ୟ ସେହି ସବୁକିଛି ସହିତ ଆପଣାର ଏକାତ୍ମତାକୁ ଉପଲବ୍ଧି କରିବାକୁ ଆଦିଷ୍ଟ ହୁଏ । ଆମେ ପୂଜା କରିବୁ ବୋଲି ଏହି ଗୋଜାତିକୁ କାହିଁକି ନିର୍ବାଚିତ କରା ଯାଇଥିଲା, ତାହାର କାରଣ ମୋ ପାଇଁ ଅତ୍ୟନ୍ତ ସ୍ପଷ୍ଟ । ଭାରତ ବର୍ଷରେ ଗୋଧନ ହିଁ ମନୁଷ୍ୟର ସର୍ବୋତ୍ତମ ସହଚର ହୋଇ ରହିଥିଲା । ଗୋଧନ ପ୍ରାଚୁର୍ଯ୍ୟ ଆଣି ଦେଉଥିଲା । ସିଏ ଯେ କେବଳ କ୍ଷୀର ଦେଉଥିଲା ତା ନୁହେଁ, ସିଏ କୃଷିକୁ ମଧ ସମ୍ଭବ କରୁଥିଲା ।

ଗୋଜାତିର ସୁରକ୍ଷା ହେଉଛି ମନୁଷ୍ୟସମାଜକୁ ହିନ୍ଦୁଧର୍ମର ଗୋଟିଏ ଦାନ । ଗୋଜାତିକୁ ରକ୍ଷା କରିବା ପାଇଁ ଯେତେଦିନ ଯାଏ ହିନ୍ଦୁମାନେ ରହିଥିବେ ସେତେଦିନ ଯାଏ ହିନ୍ଦୁଧର୍ମ ମଧ ରହିଥିବ ।

ହିନ୍ଦୁମାନଙ୍କର ତିଳକ ଦେଇ କେହି ସେମାନଙ୍କର ବିଚାର କରିବ ନାହିଁ, ମନ୍ତ୍ରଗୁଡିକର ନିର୍ଭୁଲ ଉଚ୍ଚାରଣ, ତୀର୍ଥାଟନ କିମ୍ବା ପୂର୍ଣ୍ଣ ଉପଚାର ସହିତ ଜାତିଗତ ବିଧାନଗୁଡିକର ପାଳନରୁ ମଧ କେହି ସେମାନଙ୍କର ବିଚାର କରିବ ନାହିଁ, ମାତ୍ର ଗୋଧନର ରକ୍ଷା ପାଇଁ ରହିଥିବା ସେମାନଙ୍କର ସାମର୍ଥ୍ୟରୁ ହିଁ ସେମାନଙ୍କୁ ବିଚାର କରିବ ।

# ମହାମୃତ୍ୟୁଞ୍ଜୟ ମନ୍ତ୍ରର ଅର୍ଥ

ତ୍ରୟମ୍ବକମ୍ - ତ୍ରିନେତ୍ର ବାଲା, ତ୍ରିଲୋଚନ ।

ଯଜାମହେ - ମୁଁ ପୂଜା କରୁଅଛି, ସମ୍ମାନ କରୁଅଛି, ମାର ପ୍ରଣମ୍ୟ ।

ସୁଗଂଧିମ୍ - ସୁମଧୁର ମହକ ଦେଉଥିବା, ସୁଗନ୍ଧିତ ।

ପୁଷ୍ଟି - ଏକ ସୁପୋଷିତ ସ୍ଥିତି, ଫଳ ଯୁକ୍ତ ବ୍ୟକ୍ତି, ଜୀବନର ପରିପୂର୍ଣ୍ଣତା ଓ

ବର୍ଧନମ୍ - ଯାହା ପାଷଣ କରେ, ଶକ୍ତି ଦିଏ ।

ଉର୍ବ - ବିରାଟକାୟ ।

ଆରୁକ୍ - ଅବଗୁଣ ।

ଇବ - ଏହିପରି, ଏହି ପ୍ରକାର ।



ବଂଧନାତ୍ - ବନ୍ଧନ ରୁ ।

ମୃତ୍ୟୁ - ମୃତ୍ୟୁ ରୁ ।

ମୁକ୍ଷିୟ - ମୋତେ ସ୍ୱତନ୍ତ୍ର କର, ମୁକ୍ତି ଦିଅନ୍ତୁ, ମୋକ୍ଷ କର ।

ମାମ୍ - ମୋତେ

ଅମୃତାତ୍ - ଅମରତା, ମୋକ୍ଷ ।

ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ତେତିଶ ଗୋଟି ଅକ୍ଷର ଅଛି ଓ ମହର୍ଷି ବଶିଷ୍ଠଙ୍କ କହିବା ଅନୁସାରେ ଏହି ତେତିଶ ଗୋଟି ଅକ୍ଷର ହେଉଛନ୍ତି ତେତିଶ ଗୋଟି ଦେବତାଙ୍କ ପ୍ରତୀକ ଓ ଦେବତାଙ୍କ ମଧରେ ୮ ବସୁ, ୧୧ ରୁଦ୍ର, ୧୨ ଆଦିତ୍ୟ, ୧ ପ୍ରଜାପତି ଏବଂ ୧ ବଷଟକାର ଅଛନ୍ତି ଓ ଏହି ଦେବତାଙ୍କର ସମ୍ପୂର୍ଣ୍ଣ ଶକ୍ତି ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ଜଡିତ ।

ତ୍ରି - ଧ୍ରୁବବସୁ ହେଉଛନ୍ତି ପ୍ରାଣର ପ୍ରବାହ ଯାହା ମସ୍ତକରେ ଅବସ୍ଥିତ ।

ୟମ୍ - ଅଧ୍ୱର ବସୁ ହେଉଛନ୍ତି ପ୍ରାଣର ପ୍ରବାହ, ଯାହା ମୁଖରେ ଅବସ୍ଥିତ ।

ବ - ସାମ ବସୁ ଶକ୍ତିର ଘୋଷକ, ଯାହା ଦକ୍ଷିଣ କର୍ଣ୍ଣରେ ଅବସ୍ଥିତ ।

କମ୍ - ଜଳ ହେଉଛି ବସୁ ଦେବତାଙ୍କ ଘାଷକ, ଯାହା ବାମ କର୍ଣ୍ଣରେ ଅବସ୍ଥିତ ।

ୟ - ବାୟୁ ବସୁଙ୍କର ଭୂତ, ଯାହା ଦକ୍ଷିଣ ବାହୁରେ ଅବସ୍ଥିତ ।

ଜା - ଅଗ୍ନି ବସୁ ବାମ ବାହୁରେ ଅବସ୍ଥିତ ।

ମ - ପ୍ରତ୍ୟୁ ବସୁ ହେଉଛନ୍ତି ବସୁ ଶକ୍ତିଙ୍କର ସୂଚନାଦାତା, ଯାହା ଦକ୍ଷିଣ ବାହୁର ମଧ ଭାଗରେ ଅବସ୍ଥିତ ।

ହେ - ପ୍ରୟାସ ବସୁ ମଣିବନ୍ଧରେ ଅବସ୍ଥିତ ।

ସୁ - ବିରଭଦ୍ର ରୁଦ୍ର ଜୀବନର ସଙ୍କେତ ଅଟନ୍ତି ଏବଂ ଦକ୍ଷିଣ ହସ୍ତର ଆଙ୍ଗୁଠି ମୂଳରେ ଅବସ୍ଥିତ ।

ଗ - ଶୁମ୍ଭ ହେଉଛନ୍ତି ରୁଦ୍ରଙ୍କ ସଙ୍କେତ ଯାହା ଦକ୍ଷିଣ ହସ୍ତର ଆଙ୍ଗୁଠି ଅଗ୍ର ଭାଗରେ ଅବସ୍ଥିତ ।

ନ୍ଧିମ୍ - ଗିରିଶ ହେଉଛନ୍ତି ରୁଦ୍ର ଶକ୍ତିର ମୂଳ ସୂଚନାଦାତା ଯାହା ବାମ ହାତର ମୂଳରେ ଅବସ୍ଥିତ ।

ପୁ - ଅଜୈକ ପାତ ହେଉଛନ୍ତି ରୁଦ୍ର ଶକ୍ତିଙ୍କ ସଙ୍କେତ, ଯାହା ବାମ ହସ୍ତର ମଧ ଭାଗରେ ଅବସ୍ଥିତ ।

ଷ୍ଟି - ଅହର୍ବୁଧତ୍ ହେଉଛନ୍ତି ରୁଦ୍ରଙ୍କ ସଙ୍କେତ, ବାମ ହସ୍ତର ମଣିବନ୍ଧରେ ଅବସ୍ଥିତ ।

? - ପିନାକି ରୁଦ୍ର ହେଉଛନ୍ତି ଜୀବନର ସଙ୍କେତ, ଯାହା ବାମ ହସ୍ତର ଆଙ୍ଗୁଠି ମୂଳରେ ଅବସ୍ଥିତ ।

ର୍ଦ୍ଧ - ଭବାନୀଶ୍ୱର ହେଉଛନ୍ତି ରୁଦ୍ରଙ୍କ ସୂଚନାଦାତା, ଯାହା ବାମ ହସ୍ତ ଆଙ୍ଗୁଠିର ପୂର୍ବ ଭାଗରେ ଅବସ୍ଥିତ ।

ନମ୍ - କପାଳୀ ହେଉଛନ୍ତି ରୁଦ୍ରଙ୍କ ସଙ୍କେତ, ଯାହା ଉରୁ ମୂଳରେ ଅବସ୍ଥିତ ।

ଉ - ଦିକ୍ ପତି ହେଉଛନ୍ତି ରୁଦ୍ରଙ୍କ ସଙ୍କେତ, ଯାହା ଯକ୍ଷ ଜାନୁରେ ଅବସ୍ଥିତ ।

ର୍ବା - ସ୍ଥାଣୁ ରୁଦ୍ରଙ୍କର ସଙ୍କେତ, ଯାହା ଯକ୍ଷ ସାଗରରେ ଅବସ୍ଥିତ ।

ରୁ - ଭର୍ଗ ହେଉଛନ୍ତି ରୁଦ୍ରଙ୍କର ସଙ୍କେତ, ଯାହା ଚକ୍ଷ ପାଦାଙ୍ଗୁଳୀ ମୂଳରେ ଅବସ୍ଥିତ ।

ଅବଶିଷ୍ଟାଂଶ ୮ମ ପୃଷ୍ଠାରେ

# ମଧୁମେହ ନିୟନ୍ତ୍ରଣ ପାଇଁ ୧୦ଟି ଘରୋଇ ଟିପ୍ସ

ଏବେ ଘରେ ଘରେ ମଧୁମେହ ରୋଗୀ । ପରିବର୍ତ୍ତିତ ଜୀବନଶୈଳୀ ଏହି ରୋଗର ମୁଖ୍ୟ କାରଣ । ଏହି ରୋଗରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ବେଶ୍ ତୀବ୍ର ଗତିରେ ବଢ଼ି ଚାଲିଛି । ରୋଗର କୌଣସି ସ୍ଥାୟୀ ଉପଚାର ନାହିଁ ସତ, କିନ୍ତୁ ଚାହିଁଲେ ଘରୋଇ ଉପଚାର ମାଧ୍ୟମରେ ଏହାକୁ ନିୟନ୍ତ୍ରଣ କରିପାରିବେ ।

ସମାନ ମାତ୍ରାରେ କଳା ଜିରା ଏବଂ ମେଥିଦାନା ନେଇ ଦର ଖଡ଼ିଆ ବାଟି ଦିଅନ୍ତୁ । ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଏକ ଗ୍ଲାସ ପାଣିରେ ଏଥିରୁ ୧ ଚାମଚ ମିଶାଇ ରଖନ୍ତୁ । ସକାଳୁ ଖାଲି ପେଟରେ ପାଣିରୁ ଚୂର୍ଣ୍ଣକୁ କାଢ଼ି ଚୋବାଇ ଖାଆନ୍ତୁ ।

ଶର୍କରା ମାତ୍ରା କମ୍ କିମ୍ବା ନିୟନ୍ତ୍ରିତ କରିବାକୁ ପ୍ରତିଦିନ ଖାଲି ପେଟରେ ଦୁଇ ତିନୋଟି ତୁଳସୀର ପତ୍ର ଚୋବାନ୍ତୁ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଇନସୁଲିନ ଉତ୍ପାଦନରେ ସହାୟକ ହୋଇଥାଏ ।

ମାସେ ପର୍ଯ୍ୟନ୍ତ ନିୟମିତ ରୂପେ ଏକ ଗ୍ରାମ ଡାଲଚିନି ଗୁଣ୍ଡକୁ ପାଣିରେ ମିଶାଇ ପିଅନ୍ତୁ । ଏହାଦ୍ୱାରା ଶର୍କରା ସ୍ତର କେବଳ ନିୟନ୍ତ୍ରଣ ରହିବନି ବରଂ ବର୍ଦ୍ଧିତ ଓ ଓଜନ ବି ହ୍ରାସ ହେବ ।



୧୦ ମିଲି ଅଁଳା ଜୁସରେ ୨ ଗ୍ରାମ ହଳଦୀ ଗୁଣ୍ଡ ମିଶାଇ ପିଇଲେ ମଧୁମେହ ନିୟନ୍ତ୍ରଣ ରହିଥାଏ ।

୬ଟି ବେଲପତ୍ର, ୬ଟି ନିମ୍ବ ପତ୍ର, ୬ଟି ତୁଳସୀ ପତ୍ର ଏବଂ ୩ ଟି ଗୋଲମରିଚକୁ ପ୍ରଦିଦିନ ସକାଳେ ଖାଲି ପେଟରେ ଚୋବାଇ ପାଣି ପିଇଲେ ଶର୍କରା ସ୍ତର ନିୟନ୍ତ୍ରଣରେ ରହେ ।

ମଧୁମେହ ରୋଗୀଙ୍କ ପାଇଁ ଅଳସୀ ମଞ୍ଜି ବେଶ୍ ଲାଭପ୍ରଦ । ଏଥିରେ ପ୍ରଚୁର ପରିମାଣର ଫାଇବର ଥାଏ । ଯେଉଁ କାରଣରୁ ଫ୍ୟାଟ୍ ଏବଂ ଶର୍କରାର ଅବଶୋଷଣରେ ଏହା ସହାୟକ ହୋଇଥାଏ । ପ୍ରତିଦିନ ସକାଳେ ଖାଲି ପେଟରେ ଏହାର ଚୂର୍ଣ୍ଣକୁ ଉଷୁମ ପାଣି ସହ ସେବନ କଲେ ଶର୍କରା ମାତ୍ରା ୨୮ ପ୍ରତିଶତ ହ୍ରାସ ପାଏ ।

ଗହମ ଗଛରେ ରୋଗନାଶକ ଗୁଣ ଭରପୁର ଥାଏ । ଏହି ଗଛରୁ ରସ ବାହାର କରି ନିୟମିତ ସେବନ କଲେ ମଧୁମେହ ନିୟନ୍ତ୍ରଣ ହୋଇଥାଏ ।

ନିମ୍ବ ପତ୍ରରେ ଆଶ୍ଚର୍ଯ୍ୟଜନକ ଔଷଧୀୟ ଗୁଣ ଭରି ରହିଥାଏ । ନିମ୍ବ ପତ୍ର ନିୟମିତ ସେବନ କଲେ ଗ୍ଲୁକୋଜ ସ୍ତର ନିୟନ୍ତ୍ରଣରେ ରହେ ।

ଜାମୁକୋଳି ମଧୁମେହ ରୋଗୀଙ୍କ ପାଇଁ ବେଶ୍ ଲାଭପ୍ରଦ । କଳା ଲୁଣ ସହ ଜାମୁକୋଳି ମିଶାଇ ସେବନ କଲେ ଫାଇଦା ମିଳିଥାଏ ।

କଲରାକୁ ମଧ ମଧୁମେହ ରୋଗର ମହୌଷଧି କୁହାଯାଏ । ଏହାର କଡ଼ା ସ୍ୱାଦ ଶର୍କରା ମାତ୍ରା ନିୟନ୍ତ୍ରଣ କରିଥାଏ ।

## ବହୁ ଲାଭକାରୀ ଅଶ୍ୱତ୍ଥ ପତ୍ର

ହିନ୍ଦୁ ଧର୍ମରେ ଅଶ୍ୱତ୍ଥ ପତ୍ରର ବହୁ ଗୁରୁତ୍ୱ ରହିଛି । କୁହାଯାଏ ଅଶ୍ୱତ୍ଥ ଗଛରେ ଦେବତାମାନେ ବାସ କରନ୍ତି । ଏଇଥି ପାଇଁ ଲୋକମାନେ ଅଶ୍ୱତ୍ଥ ଗଛକୁ ପୂଜା କରନ୍ତି । ଏହା ବାଦ୍ ଅଶ୍ୱତ୍ଥ ଗଛ ମଧ ଆମକୁ ସବୁଠୁ ଅଧିକ ଅକ୍ସିଜେନ ପ୍ରଦାନ କରିଥାଏ । ହେଲେ ଅଶ୍ୱତ୍ଥ ପତ୍ରରେ ରହିଥିବା ଔଷଧୀୟ ଗୁଣ ବିଷୟରେ ଆସନ୍ତୁ ଜାଣିବା ।



ଏହା ଲିଭର ରୋଗୀଙ୍କ ପାଇଁ ବହୁତ ଭଲ । ଯେଉଁ ଲୋକମାନଙ୍କର ଲିଭର ସମ୍ବନ୍ଧିତ ରୋଗ ରହିଛି ସେମାନେ ୩-୪ ଟି ତାଜା ଅଶ୍ୱତ୍ଥ ପତ୍ରକୁ ନେଇ ଶୁଖାଇ ସେଥିରେ ଚିନି କିମ୍ବା ମିଶ୍ରି ମିଶାଇ ପାଉଡର ପ୍ରସ୍ତୁତ କରନ୍ତୁ । ଏହି ପାଉଡରକୁ ୨୫୦ ମିଲିଗ୍ରାମ ପାଣିରେ ମିଶାଇ ୫ ଦିନ ଯାଏ ପିଅନ୍ତୁ, ନିଶ୍ଚିତ ଲାଭ ମିଳିବ । ଏହା ହଳଦିଆ କାମଳ ରୋଗୀଙ୍କ ପାଇଁ ବହୁତ ଭଲ । ଅଶ୍ୱତ୍ଥ ପତ୍ର ରକ୍ତ ସଫା କରିବାରେ ସହାୟକ ହୋଇଥାଏ । ଏଥିପାଇଁ ୧-୨ ଗ୍ରାମ ଅଶ୍ୱତ୍ଥ ପତ୍ର ପାଉଡରକୁ ମହୁରେ ମିଶାଇ ପ୍ରତିଦିନ ଦୁଇଥର ଖାଆନ୍ତୁ । ଏହା ରକ୍ତ ସଫା କରିବ । ଯଦି ଆପଣଙ୍କ ଦାନ୍ତ ବିନ୍ଧୁଛି ଅଶ୍ୱତ୍ଥ ଗଛର ଛାଲିକୁ ପାଣିରେ ସିଝାଇ ସେହି ପାଣିରେ କୁଳିକଲେ ଦାନ୍ତ ବିନ୍ଧା କମ୍ ହୋଇଯାଏ । ପ୍ରତିଦିନ ୫-୧୦ ଟି ଅଶ୍ୱତ୍ଥ ଫଳକୁ ଖାଇଲେ କବ୍ଜ ରୋଗରୁ ମୁକ୍ତି ମିଳିଥାଏ । ଯଦି ପେଟ କାଟୁଛି ଆପଣ ୨-୫ ଟି ପତ୍ରକୁ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏଥିରେ ୫୦ ଗ୍ରାମ ଗୁଡ ମିଶାଇ ଏହି ମିଶ୍ରଣରେ ଛୋଟ ଛୋଟ ଗୁଳି ପ୍ରସ୍ତୁତ କରି ଦିନରେ ୩-୪ ଥର ଖାଆନ୍ତୁ । ଏହା ପେଟ କାଟିବା କମାଇଦେବ । ରେଗୁଲାର ୪-୫ ଟି କଅଁଳିଆ ଅଶ୍ୱତ୍ଥ ପତ୍ରକୁ ଚୋବାଇବା ଦ୍ୱାରା ସ୍କିନ୍ ସମ୍ବନ୍ଧିତ ସମସ୍ୟା ଦୂର ହୋଇଥାଏ ତଥା ଆହୁରି କିଛି ରୋଗ ପାଇଁ ମଧ ଏହା ଭଲ ।

## ମୂଳା ପତ୍ରର ଔଷଧୀୟ ଗୁଣ

ଶୀତ ଦିନିଆ ପରିବା ଭାବେ ଜଣାଯାଉଥିବା ମୂଳା ଆଜିକାଲି ପ୍ରତ୍ୟେକ ଋତୁରେ ବଜାରରେ ଉପଲବ୍ଧ ହେଉଛି । ନିୟମିତ ଭାବେ ମୂଳା ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ ବୋଲି ବିଶେଷଜ୍ଞଙ୍କ ମତ । ତେବେ କେବଳ ମୂଳା ନୁହେଁ, ଏହାର ପତ୍ରରେ ମଧ ଔଷଧୀୟ ଗୁଣ ଭରପୁର ରହିଛି । ମୂଳା ପତ୍ରରେ ଭିଟାମିନ୍ ବି, ସି, କେ, ଇ ଭରପୁର ଥିବାବେଳେ ପୋଟାସିୟମ ଓ ଲାଇପୋକିନ୍ ମଧ ରହିଛି ।

ମୂଳା ପତ୍ରକୁ ସିଝାଇ ସୁପ ପରି ସେବନ କଲେ କେଶ ଓ ତ୍ୱଚାରେ ବିଶେଷ ଚମକ ଆସିଥାଏ ।

ବିଭିନ୍ନ ଅନୁସନ୍ଧାନରୁ ଜଣାପଡିଛି ଯେ ମୂଳାପତ୍ରରେ କର୍କଟ ପ୍ରତିରୋଧକ ଗୁଣ ଭରପୂର ଅଛି ।



ଏଣୁ ମୂଳା ସହ ମୂଳା ପତ୍ର ସିଝା ପାଣି ପିଇବା ଉତ୍ତମ ।

ଓଜନ କମ କରିବାକୁ ଚାହୁଁଥିବା ଲୋକେ ସାଲାଡ଼ରେ ମୂଳାପତ୍ରକୁ ବ୍ୟବହାର କରିବା ଆବଶ୍ୟକ । ୧ ମାସ ଏହାକୁ ଖାଇବା ପରେ ଓଜନ ୩-୪ କିଲୋ କମ୍ ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ ।

ଫାଇବର ଭରପୁର ଥିବା ମୂଳା ପତ୍ରକୁ ବିଭିନ୍ନ ବ୍ୟଞ୍ଜନରେ ଉପଯୋଗ କଲେ ତାହା ହଜମ କ୍ରିୟା ଉତ୍ତମ କରେ ।

## ସ୍ୱାସ୍ଥ୍ୟୋପଯୋଗୀ ଟମାଟୋ ଜୁସ୍

ରୋଗ ପ୍ରତିରୋଧକ ଶକ୍ତି କମିଗଲେ ଅକାଳରେ ଅନେକ ରୋଗ ମାଡ଼ିବସେ । ମହାମାରୀ କରୋନା ଯୋଗୁଁ ବର୍ତ୍ତମାନ ଲୋକେ ବିଭିନ୍ନ ଉପାୟ ଅବଲମ୍ବନ କରି ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବାକୁ ଇଚ୍ଛା କରୁଛନ୍ତି । ତେବେ ବର୍ଷା ଦିନରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପ୍ରତି ଅଧିକ ଗୁରୁତ୍ୱ ଦେବା ଉଚିତ । କାରଣ ଏହି ସମୟରେ ଭାଇରାଲ ଜ୍ୱର ଏବଂ ଚର୍ମରୋଗ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଥାଏ । ଏହି ସମସ୍ୟାରୁ ମୁକ୍ତି



ପାଇବାକୁ ଚାହୁଁଥିଲେ ନିୟମିତ ଟମାଟୋ ଜୁସ୍ ପିଇ ପାରିବେ । କାରଣ ଏହି ଜୁସ୍ ପିଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହିତ ବିଭିନ୍ନ ପ୍ରକାରର ଚର୍ମ ସଂକ୍ରମଣ ସହଜରେ ଦୂର ହୋଇଥାଏ । କରୋନାର ଦ୍ୱିତୀୟ ଲହରୀର ଭୟାବହତାକୁ ଦେଖି ଲୋକେ ଏହାକୁ ନେଇ ଅଧିକ ସତର୍କ ହୋଇଛନ୍ତି । ଏହି ଦୃଷ୍ଟିରୁ ପ୍ରତ୍ୟେକ ବ୍ୟକ୍ତି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଚେଷ୍ଟା ଚଳାଇଛନ୍ତି । ଭିଟାମିନ୍ ସି, ଆଇରନ, ଲାଇକୋପୀନ, ମିନେରାଲ୍ସ ଓ ଆଣ୍ଟି ଅକ୍ସିଡାଣ୍ଟରେ ଭରପୂର ଏହି ଜୁସ୍ ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ । ଏହାକୁ ସେବନ କରିବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । କୋଷ୍ଠକାଠିନ୍ୟ ଓ ଏସିଡିଟିରୁ ମଧ ମୁକ୍ତି ମିଳିଥାଏ । ଏହାର ଜୁସ୍ ପିଇବା ଦ୍ୱାରା ଚର୍ମରେ ଉଜ୍ଜ୍ୱଳପଣ ଆସିଥାଏ ।

ଡାଏଟ ଏକ୍ସପର୍ଟ ରଞ୍ଜନା ସିଂଙ୍କ କହିବା ଅନୁସାରେ ଟମାଟୋରେ ଭିଟାମିନ୍ ସି ଅଧିକ ମାତ୍ରାରେ ଥାଏ । ଏହା ଆମ ଶରୀରରେ ଆଣ୍ଟି ଅକ୍ସିଡାଣ୍ଟ ପରି କାମ କରିଥାଏ । ଯାହା ଫଳରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ।

## ଲୋ ବ୍ଲଡପ୍ରେସର ଓ ଅଙ୍ଗୁର

ସାଧାରଣତଃ ବ୍ଲଡପ୍ରେସର ଦୁଇ ପ୍ରକାରର- ହାଇ ବ୍ଲଡପ୍ରେସର ଏବଂ ଲୋ ବ୍ଲଡପ୍ରେସର । ତେବେ ଏଥିରୁ ନିଜକୁ ଦୂରେଇ ରଖିବା ପାଇଁ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯଦି ଆପଣ ଲୋ ବ୍ଲଡପ୍ରେସର ସମସ୍ୟା ସହ ଜଡିତ, ତେବେ ନିୟମିତ ଖାଦ୍ୟ ତାଲିକାରେ ଅଙ୍ଗୁର ସାମିଲ କରନ୍ତୁ । ଏହାକୁ ନିୟମିତ ଖାଇଲେ ତାହା ଲୋ ବ୍ଲଡ ପ୍ରେସର ଠାରୁ ଜଣକୁ ଅନେକାଂଶରେ ଦୂରେଇ ରଖିଥାଏ । ଏପରି ରୋଗୀଙ୍କ ପାଇଁ ଓଟସ୍ ଆହୁରି ଉପକାରୀ । ପ୍ରତିଦିନ ରସୁଣ ଖାଇଲେ ଲୋ ବ୍ଲଡପ୍ରେସର ନିୟନ୍ତ୍ରିତ ରହିଥାଏ । କେବଳ ସେତିକି ନୁହେଁ, ଖାଦ୍ୟ ତାଲିକାରେ ଆଇରନଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯଦି ଆପଣ ବ୍ଲଡପ୍ରେସର ସମସ୍ୟା ସହ ଜଡିତ, ତେବେ ନିୟମିତ ସମୟ ଅନ୍ତରାଳରେ ଏହାର ପରିମାଣ ଚେକ୍ କରି ନିଅନ୍ତୁ ।



## ଉଚ୍ଚ ରକ୍ତଚାପର ଘରୋଇ ଉପଚାର

ଜୀବନଶୈଳୀ ଓ ଖାଦ୍ୟପେୟର ପରିବର୍ତ୍ତନ ହିଁ ଚିନ୍ତାକୁ ବଢ଼ାଇ ଦେଉଛି । ଦେଖାଯାଉଛି କର୍ମ ଉପରେ ଅଧିକ ଗୁରୁତ୍ୱ ସ୍ୱାସ୍ଥ୍ୟ ପ୍ରତି ଶୂନ, ଯେଉଁଥି ପାଇଁ ଲେକେ ଉଚ୍ଚ ରକ୍ତଚାପ ରୋଗରେ ବେଶୀ ପୀଡିତ ହେଉଛନ୍ତି ।

ଅବ୍ୟବସ୍ଥିତ ଜୀବନଶୈଳୀ ଭୟାନକ ରୋଗର କାରଣ ସାଜୁଛି । ଏହି ରୋଗ ମଧ୍ୟରେ ଉଚ୍ଚ ରକ୍ତଚାପ, ସୁଗାର ଓ ହୃଦରୋଗ ମୁଖ୍ୟ ସମସ୍ୟା । ଉଚ୍ଚ ରକ୍ତଚାପ ଏବେ ବଡ଼ ଘାତକ । ଏମିତିରେ ଦେଖିବାକୁ ଗଲେ ପ୍ରତି ୫ ଜଣଙ୍କ ମଧ୍ୟରେ ପ୍ରାୟ ୨ ଜଣ ଉଚ୍ଚ ରକ୍ତଚାପରେ ପୀଡିତ ବୋଲି ଏକ ଅନୁଧାନରୁ ଜଣାପଡିଛି । ଘରୋଇ ଚିକିତ୍ସାରେ ଉଚ୍ଚ ରକ୍ତଚାପର ଉପଚାର କରି ପାରିବେ ।

କାରଣ: ମସଲାଯୁକ୍ତ ଖାଦ୍ୟ, ମଦ, ସିଗାରେଟ୍, ଅଧିକ ଲୁଣ ସେବନ, ଜଙ୍କଫୁଡ, ବ୍ୟାୟାମ ନ କରିବା, ମୋଟାପା, କିଡନୀ ବା ଡାଇବେଟିସ ଏହାର ମୁଖ୍ୟ କାରଣ ହୋଇଥାଏ ।

ଲକ୍ଷଣ: ଶରୀର ଯନ୍ତ୍ରଣା, ମାନସିକ ଚାପ, ଶ୍ୱାସ ନେବାରେ କଷ୍ଟ ଅନୁଭବ,



ଅଚାନକ ଘାବରାଇବା, ବୁଝିବା ଓ କହିବାରେ କଷ୍ଟ ଅନୁଭବ, ତ୍ୱଚା, ବାହୁ ଓ ପାଦରେ ଶୁଷ୍କତା, ଉଦାସଭାବ ଓ ଧୂଆଁଳିଆ ଦେଖାଯିବା ।

ଡାଲଚିନି ପାଉଡ଼ର: ଅଧା ଚାମଚ ଡାଲଚିନି ପାଉଡର ପ୍ରତିଦିନ ସକାଳୁ ପାଣିରେ ସେବନ କରନ୍ତୁ । ଏହା ହାଇବ୍ଲଡ ପ୍ରେସର ଦୂର କରେ ।

ଲାଉ ରସ: ସକାଳୁ ଖାଲି ପେଟରେ ଲାଉ ରସ ସେବନ କରିବା ଫଳରେ ଉଚ୍ଚ ରକ୍ତଚାପ ସମସ୍ୟା କମିଯାଏ । ଏହା ବ୍ୟତୀତ ହୃଦରୋଗ ବା ଡାଇବେଟିସ୍ ରୋଗ ଦୂର ହୋଇଥାଏ ।

ମେଥି ଦାନା: ରାତିରେ ଶୋଇବା ସମୟରେ ମେଥିକୁ ଭିଜାଇ ଦିଅନ୍ତୁ । ସକାଳୁ ଉଠି ଖାଲି ପେଟରେ ଏହିପାଣି ପିଅନ୍ତୁ, ଉଚ୍ଚ ରକ୍ତଚାପ ଦୂର ହୋଇଯିବ ।

## ରାମକଥା




ଗୁରୁଦେବ ବଶିଷ୍ଟଙ୍କୁ ପ୍ରଣାମ କରିବା ପରେ ଶ୍ରୀରାମ କୌଶଲ୍ୟାଦି ମାତାଙ୍କୁ ବନ୍ଦନା କଲେ । ମାତାମାନେ ଶ୍ରୀରାମଙ୍କୁ ପାଇ ଅତି ଆନନ୍ଦିତା ହେଲେ । ସେମାନେ ପ୍ରକୃତରେ ଖୁବ୍ ଦୁଃଖ ସହ୍ୟ କରିଛନ୍ତି । କିନ୍ତୁ ମଣିଷ ଯଦି ଧୈର୍ଯ୍ୟ ରଖେ ତେବେ ଶହେବର୍ଷ ପରେ ହେଲେ ବି ତାକୁ ଆନନ୍ଦ ନିଶ୍ଚିତ ପ୍ରାପ୍ତ ହୋଇଥାଏ । ଆଜି ସୀତାରାମଙ୍କୁ ଦେଖି ମାତାମାନେ ଖୁବ୍ ଆନନ୍ଦିତା ହେଲେ । ସୀତା ସେତେବେଳେ ତାପସୀ ବେଶରେ ଥିଲେ । ଅଯୋଧାର ସ୍ତ୍ରୀମାନେ ତାକୁ ବାରମ୍ବାର ବନ୍ଦନା କରୁଥିଲେ ।

ସଙ୍ଗେ ସଙ୍ଗେ ଅନିନ୍ଦ୍ୟ ସୁନ୍ଦର ରଥ ସଜ ହେଲା । ରଥରେ ସୀତାରାମ ବିରାଜମାନ କଲେ । ଲକ୍ଷ୍ମଣ ହାତରେ ଚାମର ଧରି ଠିଆ ହୋଇଗଲେ । ଭରତ ନିଜେ ରଥଚାଳକ ଜବରଦସ୍ତ ହେଲେ । ଭରତ ଓ ଶତ୍ରୁଘ୍ନ ଦୁହେଁ ରଥର ସାରଥି ହେଲେ । ଅଯୋଧାର ପ୍ରଜାଗଣ ଚାରିଭାଇଙ୍କ ସହିତ ସୀତାଙ୍କୁ ଦେଖି ନେତ୍ର ପବିତ୍ର କରିବାରେ ଲାଗିଲେ ।

କୈକେୟୀଙ୍କ ମହଲରୁ ବନବାସ ଆରମ୍ଭ ହୋଇଥିଲା । ଶ୍ରୀରାମ ସେହି ମହଲକୁ ଯାଇ ବନବାସର ସମାପ୍ତି କଲେ । ସେ ପ୍ରଥମେ କୈକେୟୀ ମାତାଙ୍କୁ ପ୍ରଣାମ କଲେ । ମାତା କୈକେୟୀଙ୍କୁ ଆଶ୍ୱାସନା ଦେବାକୁ ଯାଇ କହିଲେ ମା' ସାମାନ୍ୟ ମାତ୍ର ଗ୍ଲାନି କରନ୍ତୁ ନାହିଁ । ଆପଣଙ୍କ ମନରେ ସାମାନ୍ୟ ମାତ୍ର ଦୁର୍ଭାବନା ନାହିଁ । ନ ତ୍ୱୟା ମେଦ୍ଧପରାଧିତମ୍ । ଏ ସମସ୍ତ ହେଉଛି ଈଶ୍ୱରଙ୍କର ଖେଳ । ପରମାତ୍ମାଙ୍କ ଇଚ୍ଛା ଅନୁସାରେ ଏ ସମସ୍ତ ଖେଳ ହେଉଛି ।

ଭରତ ଶ୍ରୀରାମଙ୍କ ରାଜ୍ୟାଭିଷେକ ନିମେନ୍ତ ଚାରିସମୁଦ୍ରର ଜଳ ସହିତ ସକଳ ଦ୍ରବ୍ୟ ସଂଗ୍ରହ କରି ରଖିଥିଲେ । ସଙ୍ଗେ ସଙ୍ଗେ ଶ୍ରୀରାମଙ୍କର ରାଜ୍ୟାଭିଷେକ ପର୍ବ ଆରମ୍ଭ ହୋଇଗଲା ।

ଶ୍ରୀରାମଙ୍କର ନିର୍ଦ୍ଦେଶରେ ସର୍ବପ୍ରଥମେ ବାନରମାନଙ୍କର ମାଙ୍ଗଳିକ ସ୍ନାନ କରାଗଲା । ଭରତ ପ୍ରତ୍ୟେକଙ୍କୁ ଯଥାର୍ଥ ସମ୍ମାନ ଓ ମର୍ଯ୍ୟାଦା ଦେଲେ । ସମସ୍ତଙ୍କୁ ବସ୍ତ୍ରାଭୂଷଣ ଦିଆଗଲା । ସେମାନେ ତ ବାନର ରୂପରେ ନ ଥିଲେ । ଶ୍ରୀରାମ ସେମାନଙ୍କୁ ଦିବ୍ୟ ସ୍ୱରୂପ ପ୍ରଦାନ କରିଥିଲେ ।

ପୁନି କରୁନାନିଧି ଭରତ ହଂକାରେ । ନିଜ କର ରାମଜଟା ନିରୁଆରେ ।

ଶ୍ରୀରାମ ନିଜ ହାତରେ ଭରତଙ୍କ ଜଟା ଶୋଧନ କଲେ । ଲକ୍ଷ୍ମଣଙ୍କର ମାଙ୍ଗଳିକ ସ୍ନାନ ହେଲା । ଶ୍ରୀରାମ ନିଜ ଜଟା ଶୋଧନ କଲେ । ଏହାପରେ ସ୍ୱର୍ଣ୍ଣପଟ୍ଟରେ ଶ୍ରୀରାମଙ୍କୁ ବସାଇ ବଶିଷ୍ଠ ଋଷି ଋଗବେଦ, ଯଜୁର୍ବେଦରୁ ଅନେକ ମନ୍ତ୍ର ବୋଲି ତୀର୍ଥୋଦକରେ ତାଙ୍କର ଅଭିଷେକ କରାଇଲେ । ସୀତାଙ୍କର ବି ତୀର୍ଥାଭିଷେକ ହେଲା । ସୀତା ତ ସ୍ୱୟଂ ମହାଲକ୍ଷ୍ମୀ । ତାଙ୍କର ଦିବ୍ୟ ଶୃଙ୍ଗାରର ପୁଣି ବର୍ଣ୍ଣନା କିଏ କରିବ ?

ସୁବର୍ଣ୍ଣ ଦିବ୍ୟ ସିଂହାସନ ଅଣାଗଲା । ବ୍ରାହ୍ମଣମାନେ ବେଦମନ୍ତ୍ରରେ ଆଶୀର୍ବାଦ ପ୍ରଦାନ କଲେ । ଶ୍ରୀରାମ ବ୍ରାହ୍ମଣଙ୍କୁ ପୂଜା କଲେ । ବୈଷ୍ଣବମାନେ ଜୟ ଜୟକାର କଲେ । ଶୁଭ ମୁହୂର୍ତ୍ତରେ ଶ୍ରୀରାମ ସୀତାଙ୍କ ସହିତ ସୁବର୍ଣ୍ଣ ସିଂହାସନରେ ବିରାଜମାନ କଲେ । ଭରତ ଓ ଲକ୍ଷ୍ମଣ ହାତରେ ଚାମର ଧରି ସେବା କଲେ । ଶତ୍ରୁଘ୍ନ ବି ସେବାରେ ଲାଗିଥିଲେ । ହନୁମାନ ଯୋଡ଼ହସ୍ତରେ ସମ୍ମୁଖ ସେବାରେ ଲାଗିଥିଲେ ।

ଗୁରୁଦେବ ବଶିଷ୍ଠ ଶ୍ରୀରାମଙ୍କର ତିଳକ କରିବାକ୍ଷଣି ବୈଷ୍ଣବମାନେ ଶ୍ରୀରାମଙ୍କର ଜୟ ଜୟକାର କରିବାରେ ଲାଗିଲେ । ଚତୁର୍ଦ୍ଦିଗରେ ଆନନ୍ଦ ବିରାଜମାନ କଲା । ଦେଶ ବିଦେଶର ରାଜା ସେଠାରେ ଉପସ୍ଥିତ ଥିଲେ । ରାଜାମାନେ ଅନେକ ପ୍ରକାରର ଭେଟି ଉପସ୍ଥାପନ କଲେ ।

ଶ୍ରୀରାମଚନ୍ଦ୍ରଙ୍କର ସୁନ୍ଦର ବ୍ୟାଖ୍ୟାନ କରାଗଲା । ପ୍ରଜାମାନେ ମୋତେ ସିଂହାସନରେ ବସାଇଲେ । ମୋର ଏପରି ଭାବନା ଯେ ପ୍ରଜାଙ୍କ ଖୁସୀ ନିମନ୍ତେ ରାଜାମାନଙ୍କର ସିଂହାସନ ହୋଇଥାଏ । ଭୋଗବିଳାସ ନିମନ୍ତେ ରାଜା ସିଂହାସନରେ ବସେ ନାହିଁ । ରଂଜୟତି ଇତି ରାଜା । ପ୍ରଜାଙ୍କ ରଞ୍ଜନ ନିମନ୍ତେ ଜଣେ ରାଜା ହୋଇଥାଏ । ଶ୍ରୀରାମଙ୍କ ଭାଷଣ ପୂଜା ହେଲା । ଚାରିବେଦ ଦରବାରରେ ଉପସ୍ଥିତ ଥିଲେ । ସେମାନେ ବି ଶ୍ରୀରାମଙ୍କର ସ୍ତୁତି କଲେ ।

## ମହାମୃତ୍ୟୁଞ୍ଜୟ... ଷଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ

କ - ଧାତା ହେଉଛନ୍ତି ଆଦିତ୍ୟଦଙ୍କର ସଙ୍କେତ, ଯାହା ଯକ୍ଷ ପାଦାଙ୍ଗୁଳୀ ଅଗ୍ର ଭାଗରେ ଅବସ୍ଥିତ ।

ମି - ଅର୍ଯ୍ୟମା ହେଉଛନ୍ତି ଆଦିତ୍ୟଙ୍କର ସଙ୍କେତ, ଯାହା ବାମ ଉରୁ ମୂଳରେ ଅବସ୍ଥିତ ।

ବ - ମିତ୍ର ହେଉଛନ୍ତି ଆଦିତ୍ୟଙ୍କ ସଙ୍କେତ, ଯିଏ ଭାମ ଜାନୁରେ ଅବସ୍ଥିତ ।

ବ - ବରୁଣାଦିତ୍ୟାଙ୍କର ସଙ୍କେତ, ଯାହା ବାମ ସାଗରରେ ଅବସ୍ଥିତ ।

ନ୍ଧ - ଅଂଶୁ ଆଦିତ୍ୟଙ୍କ ସଙ୍କେତ, ଯାହା ବାମ ପାଦାଙ୍ଗୁଳୀରେ ଅବସ୍ଥିତ ।

ନାନ୍ - ଭଗାଦିତ୍ୟଙ୍କର ସଙ୍କେତ, ଯାହା ବାମ ପାଦ ଆଙ୍ଗୁଠିର ଅଗ୍ରଭାଗରେ ଅବସ୍ଥିତ ।

ମୃ - ବିବସ୍ୱନ୍ (ସୂର୍ଯ୍ୟ) ଙ୍କର ସଙ୍କେତ, ଯାହା ଦକ୍ଷ ପାର୍ଶ୍ୱ ଭାଗରେ ଅବସ୍ଥିତ ।

ର୍ତ୍ତ୍ୟା - ଦନ୍ଦାଦଦିତ୍ୟଙ୍କର ସଙ୍କେତ, ଯାହା ବାମ ପାର୍ଶ୍ୱ ଭାଗରେ ଅବସ୍ଥିତ ।

ମୁ - ପୁଷ୍ପାଦିତ୍ୟଙ୍କର ସଙ୍କେତ, ଯାହା ପୃଷ୍ଠଭଗାରେ ଅବସ୍ଥିତ ଓ

କ୍ଷି - ପର୍ଜନ୍ୟ ହେଉଛନ୍ତି ଆଦିତ୍ୟଙ୍କ ସଙ୍କେତ, ଯାହା ନାଭି ସ୍ଥଳରେ ଅବସ୍ଥିତ ।

ୟ - ସ୍ୱଣଷ୍ଟାନ ହେଉଛି ଆଦିତ୍ୟଙ୍କର ସଙ୍କେତ, ଯାହା ଗୁହ୍ୟ ଭାଗରେ ଅବସ୍ଥିତ ।

ମାଂ - ବିଷ୍ଣୁ ଆଦିତ୍ୟଙ୍କ ସଙ୍କେତ, ଯାହା ଏହି ଶକ୍ତି ସ୍ୱରୂପ ଦୁଇ ବାହୁରେ ଅବସ୍ଥିତ ।

ମୃ - ପ୍ରଜାପତିଙ୍କର ସଙ୍କେତ, ଯାହା କଣ୍ଠରେ ଅବସ୍ଥିତ ।

ତାତ୍ - ଅମିତ ବସଟ୍କାରଙ୍କର ସଙ୍କେତ, ଯାହା ହୃଦୟ ପ୍ରଦେଶରେ ଅବସ୍ଥିତ । ଉପରାକ୍ତ ଦେବତା, ବାସୁ, ଆଦିତ୍ୟ ଇତ୍ୟାଦି ସେମାନଙ୍କର ପୂର୍ଣ୍ଣ ଶକ୍ତି ସହିତ ଉପରାକ୍ତ ସ୍ଥାନରେ ସିଂହାସନ ପ୍ରାପ୍ତ ।

**ଏହି ମନ୍ତ୍ରର ଅନେକ ନାମ ଏବଂ ରୂପ ଅଛି**

୧. ଏହା ଶିବଙ୍କର ଉଗ୍ର ରୂପକୁ ସୂଚାଉ ଥିବାରୁ ଏହାକୁ ରୁଦ୍ର ମନ୍ତ୍ର କୁହାଯାଏ ।

୨. ଏହା ଶ୍ରୀ ଶିବଙ୍କର ତିନୋଟି ନେତ୍ରକୁ ସୂଚାଉ ଥିବାରୁ ତ୍ରୟମ୍ବକମ୍ ମନ୍ତ୍ର କୁହାଯାଏ ।

୩. ଏହାକୁ ମୃତ-ସଂଜୀବନୀ ମନ୍ତ୍ର ବୋଲି ମଧ କୁହାଯାଏ କାରଣ (କ) ଋଷି ମାର୍କଣ୍ଡେୟ ଏହି ମନ୍ତ୍ରରେ ମୃତ୍ୟୁକୁ ଜୟ କରିଥିଲେ, (ଖ) କଠୋର ତପସ୍ୟା ପୂରଣ କରିବା ପରେ ପ୍ରାଚୀନ ଋଷି ଶୁକ୍ରଙ୍କୁ ''ଜୀବନ-ପୁନରୁଦ୍ଧାର'' କରିବାରେ ଏହା ଗୋଟିଏ ଉପାଦାନ ଥିଲା ।

୪. ମୁନି-ଋଷି ମାନେ ଏହି ମନ୍ତ୍ରକୁ ମହାମୃତ୍ୟୁଞ୍ଜୟ ମନ୍ତ୍ର ସହିତ ଏହାକୁ ବେଦର ହୃଦୟ ବାଲି କହିଛନ୍ତି ।


୫. ଚିନ୍ତନ ଏବଂ ଧାନ ପାଇଁ ବ୍ୟବହୃତ ଅନେକ ମନ୍ତ୍ର ମଧରେ ଗାୟତ୍ରୀ ମନ୍ତ୍ର ସହିତ ଏହି ମନ୍ତ୍ରର ସର୍ବୋଚ୍ଚ ସ୍ଥାନ ରହିଛି ।

ମହାମୃତ୍ୟୁଂଜୟ ମନ୍ତ୍ରର ସରଳ ଅର୍ଥ : ମୁଁ ଭଗବାନ ଶିବ ଙ୍କର ପୂଜା କରୁଛି । ଯାହାଙ୍କର ତିନୋଟି ନେତ୍ର ଅଛି, ଯେ ପ୍ରତ୍ୟେକ ନିଶ୍ୱାସରେ ଜୀବନ ଶକ୍ତିର ସଞ୍ଚାର କରନ୍ତି ଏବଂ ସମ୍ପୂର୍ଣ୍ଣ ଜଗତର ପାଳନ- ପୋଷଣ କରନ୍ତି, ସେ ସଂସାର ବନ୍ଧନରୁ ମୋତେ ମୁକ୍ତି କରନ୍ତୁ ଏବଂ ମୋକ୍ଷ କରନ୍ତୁ ।

## ସ୍ୱର୍ବେଦ

**ଜଗତ ମିତ୍ର ହୈ, ଜାହି କା, ତାହି ମିତ୍ରପ୍ରଭୁ ନାହିଁ ।**
**ମିତ୍ର ଦୋୟ କୈସେ ବନେ ଧେୟ ଅଦ୍ୱୈତ ସମାହିଁ ।(୩୯)**

ଭାଷ୍ୟ: ଯାହାର ଜଗତର ସହ ସମ୍ବନ୍ଧ ନାହିଁ, ତାକୁ ପ୍ରଭୁ ନିଜ ସାଙ୍ଗରେ ରଖନ୍ତି । ଦୁଇ ପ୍ରକାର ସ୍ୱଭାବର ମିତ୍ର ହୁଏ ନାହିଁ । ସଂସାରୀ ଲୋକଙ୍କ ଅନ୍ୟ ସ୍ୱଭାବ ଆଚରଣ ଅଟେ ଓ ବିରକ୍ତ ପ୍ରଭୁ ଭକ୍ତର ଅନ୍ୟ ସ୍ୱଭାବ ଜୀବନ-ବ୍ୟବହାର ଅଟେ । ଏଥିପାଇଁ ବିରକ୍ତ ଓ ସଂସାରୀ ଲୋକଙ୍କ ମଧରେ ମିତ୍ରତା ହୋଇ ପାରେ ନାହିଁ । ଏକ କର୍ମ, ଗୁଣ ଏବଂ ସ୍ୱଭାବର ବ୍ୟକ୍ତିଙ୍କ ଠାରେ ହିଁ ମିତ୍ରତା ହୋଇଥାଏ । ଭିନ୍ନ ପ୍ରକୃତିର ସ୍ୱଭାବରେ ପ୍ରତିକୂଳ ବ୍ୟକ୍ତିଙ୍କ ଠାରେ ପ୍ରେମ, ସ୍ନେହ ଓ ମିତ୍ରତା ହୁଏ ନାହିଁ । ଏଥିପାଇଁ ବିରକ୍ତ ସଂସାରୀ ଲୋକଙ୍କୁ ତ୍ୟାଗ କରି ଏକ ଅଦ୍ୱୈତ ଧେୟ ପ୍ରଭୁଙ୍କ ଭକ୍ତିରେ ନିଜ ଜୀବନକୁ ସମର୍ପଣ କରି ଦିଅନ୍ତି । ଯେପରି ପରବ୍ରହ୍ମ ଅସଙ୍ଗ ଓ ନିର୍ଲେପ ଅଟନ୍ତି ସେହିପରି ପ୍ରଭୁଭକ୍ତ ମଧ ସଂସାରରେ ଅସଙ୍ଗ, ନିର୍ଲେପ ହୋଇ ପ୍ରଭୁଙ୍କ ଭଜନ କରେ । ଉଭୟଙ୍କ ଠାରେ ଏକ କର୍ମ, ଗୁଣ ଓ ସ୍ୱଭାବ ଥିବାରୁ ମିତ୍ରତା ସହଜରେ ହିଁ ହୋଇଯାଇଥାଏ । ଈଶ୍ୱରତ୍ୱ ସୃଷ୍ଟି ରଚନାଦି ଗୁଣ ଗୁଡିକର ଅତିରିକ୍ତ ଈଶ୍ୱର ଓ ଜୀବ ପରସ୍ପର ମିଶିବାର ଗୁଣ ସ୍ୱାଭାବିକ ରୂପରେ ସଂଯୋଗ କରେଇଥାଏ । ଏଥିପାଇଁ ଜୀବ ଓ ବ୍ରହ୍ମାଙ୍କୁ ବେଦରେ ସଖା କୁହାଯାଇଛି, ଉତ୍ତର ଏତିକି ଅଛି କି ଜୀବ ଅଳ୍ପ ଶକ୍ତିମାନ ଅଟନ୍ତି ଓ ପରବ୍ରହ୍ମା ସର୍ବ ଶକ୍ତି ମାନ ଅଟନ୍ତି । ଯେ ଗୁଣ କି ଶକ୍ତି ଜୀବରେ ପରିମିତ ଅଟନ୍ତି, ସେହି ଶକ୍ତି ଓ ପ୍ରଭା ଈଶ୍ୱରଙ୍କ ଠାରେ ଅନନ୍ତ ଓ ପୂର୍ଣ୍ଣ ଅଟେ । ଏହି ଆଧାରରେ ମୂଳରୁ ନବୀନ ସଂପ୍ରଦାୟର ଜୀବକୁ ଅଂଶ କୁହାଯାଇଛି । ବାସ୍ତବରେ ପରବ୍ରହ୍ମା ଚେତନ, ସର୍ବଜ୍ଞ ଏବଂ ନିତ୍ୟ ହୋଇ ଗୋଟିଏ ରୂପରେ ରହିଥାଏ । ଏହାର କେବେ ପରିବର୍ତ୍ତନ ହୁଏ ନାହିଁ, କାରଣ ତାହା ସତ୍ୟ ଏବଂ ଜଗତର ନିମିତ୍ତର କାରଣ ଅଟେ । ଧେୟ ଏକ ଅର୍ଥାତ୍ ଅଦ୍ୱୈତ ହୋଇ ଥିବାରୁ ହିଁ ଜୀବ ଓ




ବ୍ରହ୍ମାର ମିତ୍ରତା ହୋଇଥାଏ । ଏଥିପାଇଁ ସବୁ ଅଭିମାନ, କୁତର୍କ ଛାଡି ଏକ ଅଦ୍ୱୈତ ବ୍ରହ୍ମାର ଉପାସନା କରି ଜୀବନର ମହାନ୍ ଲକ୍ଷ୍ୟ, ପରମାନନ୍ଦଙ୍କ ପ୍ରାପ୍ତି କରିବା ଉଚିତ ।

**ଜ୍ଞାନ ଶିଖା ନିଶିଦିନ ବରେ, ସଦା ଅକମ୍ପ ଅଖଣ୍ଡ ।**
**ଧୀର ପୁରୁଷ ବହ ଧନ୍ୟ ହୈ, ସଦଗୁରୁ ଲାଲ ପ୍ରଚଣ୍ଡ । (୪୦)**

ଭାଷ୍ୟ: ଯେବେ ଯୋଗୀକୁ ପୂର୍ଣ୍ଣ ପ୍ରକାଶର ପ୍ରାପ୍ତି ହୋଇଯାଏ, ତେବେ ଶାନ୍ତ ଏକ ରସ, ଜ୍ଞାନ ଜ୍ୟୋତିରେ ଆତ୍ମା ଦିନ ରାତି ଜଳୁଥାଏ । ଏପରି ଅବସ୍ଥାକୁ ସଦଗୁରୁଙ୍କ ମହାନ୍ ପ୍ରିୟ ସେବା ସଂଯମୀ ଧୈର୍ଯ୍ୟ ବାନ୍ ପୁରୁଷ ହିଁ ପ୍ରାପ୍ତ କରିଥାଏ, ଯେ ଅତ୍ୟନ୍ତ ଭାଗ୍ୟଶାଳୀ ଓ ପୂର୍ଣ୍ଣ ପୁରୁଷାର୍ଥୀ ଅଟନ୍ତି ।

**ଆଦି ସୃଷ୍ଟି କେ ମୂଳ ମେଁ, ପ୍ରକଟେ ଶବ୍ଦ ବିଦେହ ।**
**ତିନ ଲୋକ ପିଛେ ବନେ, ପ୍ରକୃତି ତ୍ରିଘାତ ଅପେହ । (୪୧)**

ଭାଷ୍ୟ: ମୂଳାରମ୍ଭ ସୃଷ୍ଟିର ପ୍ରାଦୁର୍ଭାବରେ ସବୁଠାରୁ ପ୍ରଥମେ ବିଦେହ ଶବ୍ଦ ଅର୍ଥାତ୍ ବ୍ୟାପକ ଶବ୍ଦ ପ୍ରକଟ ହୋଇଥାଏ । ତଦ୍ୱାରା ଚେଷ୍ଟା କଲେ ଶୂନ୍ୟ ପରମାଣୁ ଗୁଡିକର ସତ୍ତ୍ୱ, ରଜ ଏବଂ ତମର କ୍ରମିକ ବିକାଶରେ ତିନି ଲୋକର ରଚନା ହୁଏ ।

**ସାର ଶବ୍ଦ କେ ପ୍ରକଟ ମେଁ, ଘଟ ଉଜିୟାରୀ ହୋୟ ।**
**ପୁରୁଷ ସଂଯମୀ ଜଗତେ, ମୋହ ନିଶା ଜୀବ ସୋୟ । (୪୧)**

ଭାଷ୍ୟ: ସହଜ ଯୋଗାଭ୍ୟାସୀ ସଂଯମୀ ପୁରୁଷର ଶରୀରରେ ସାର ଶବ୍ଦ ଯେବେ ପ୍ରକଟ ହୋଇଯାଏ, ତେବେ ଆତ୍ମାର ସମସ୍ତ ଅନ୍ଧକାର ଦୂର ହୋଇ ଯାଏ ଏବଂ ପ୍ରକାଶ ପୂର୍ଣ୍ଣ ରୂପରେ ପ୍ରକଟ ହୋଇଯାଏ । ଏହାକୁ ଭେଦିକ ସଂଯମୀ ପୁରୁଷ ହିଁ ଜାଣନ୍ତି । ମୋହନିଶାରେ ଶୋଇଥିବା ଜୀବ ଏହି ତତ୍ତ୍ୱକୁ ଜାଣେ ନାହିଁ । ଏହି ଶରୀରରୁ ପରମ ପୁରୁଷଙ୍କ ପ୍ରାପ୍ତି ତଥା ଜୀବନ୍ମୁକ୍ତି ହୁଏ । ଏଥିପାଇଁ ଏହି ପଦରେ ଘଟ ଉଜିୟାରୀ କହି ପ୍ରକାଶ ପ୍ରାପ୍ତ କରିବାକୁ ନିର୍ଦ୍ଦେଶ କରାଯାଇଛି । ଜୀଇଁ କରି ମୁକ୍ତି ହୋଇଥାଏ, ମଲେ ତ ପ୍ରାରବ୍ଧ ଭୋଗ ଅନୁସାରେ ଜନ୍ମ ହୁଏ । ଏଥିପାଇଁ ପରମ ପୁରୁଷାର୍ଥ ସଂଯମୀ ପୁରୁଷ ଏହି ଜନ୍ମରେ ପରବ୍ରହ୍ମାଙ୍କୁ ପାଇ ଜୀବନ୍ମୁକ୍ତ ଅବସ୍ଥାକୁ ପ୍ରାପ୍ତ କରେ । ଅତଏବ ସମସ୍ତ ମାନ ପ୍ରାଣୀ ବର୍ତ୍ତମାନ ଭଜନ କରିବା ଏହାର ତିଆରିରେ ସମୟ ନଷ୍ଟ ନ କରି ଏହି ଅମୂଲ୍ୟ ଶ୍ୱାସକୁ ପ୍ରଭୁଙ୍କ ଉପାସନାରେ ଲଗାଇ ସାର୍ଥକ କରନ୍ତୁ ।

# ଲୁଣରଉପକାରିତା

ଦୈନନ୍ଦିନ ଜୀବନରେ ଲୁଣର ଆବଶ୍ୟକତାକୁ ସଭିଏଁ ଜାଣନ୍ତି । ବିଶେଷ ଭାବରେ ଖାଦ୍ୟକୁ ସ୍ୱାଦଯୁକ୍ତ କରିବା ପାଇଁ ଏହାର ବ୍ୟବହାର ହୋଇଥାଏ । ତେବେ କେବଳ ଖାଦ୍ୟ ଭାବେ ନୁହେଁ ଏହାକୁ ମଧ ଉତ୍ତମ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ବ୍ୟବହାର କରାଯାଇ ଆସୁଛି । ଏହାକୁ ଆହୁରି ଅନେକ କାର୍ଯ୍ୟରେ ମଧ ବ୍ୟବହାର କରାଯାଇଥାଏ ।



କେତେବେଳେ ଥଣ୍ଡା ପାଇଁ ତ କେତେବେଳେ ଖୁବ୍ ଜୋରରେ ଚହ୍ଲାର ଆଦି କାରଣରୁ ଗଳାରେ ସମସ୍ୟା ଦେଖା ଦେଇଥାଏ । ଗଳା ଖ୍ୱିଚ୍ ଖ୍ୱିଚ୍ କରିଥାଏ । ତେବେ ଲୁଣରେ ଏହାର ଚିକିତ୍ସା ଆପଣ କରି ପାରିବେ । ଲୁଣ ପାଣିରେ କୁଳି କରିବା ଦ୍ୱାରା ଗଳା ଯନ୍ତ୍ରଣା, ଖ୍ୱିଚ୍ ଖ୍ୱିଚ୍ ଏବଂ ତଣ୍ଟିଫୁଲା ଆଦି କମିଥାଏ । ଲୁଣ ଏକ ଆଣ୍ଟିସେପ୍ଟିକ ପରି କାର୍ଯ୍ୟ କରିଥାଏ । ଏହା ଗଳାକୁ ସଂକ୍ରମଣରୁ ରକ୍ଷା କରିଥାଏ । ଏଥିପାଇଁ ଏକ କପ୍ ଗରମପାଣିରେ ଅଧାଚାମଚ ଲୁଣ ମିଶାନ୍ତୁ । ଏହି ମିଶ୍ରଣରେ କୁଳି କରନ୍ତୁ । କିଛି କିଛି ଦିନ ଛାଡି ଏପରି କରିବା ଦ୍ୱାରା ଗଳା ସୁସ୍ଥ ରହିଥାଏ ।

ପାଦ ଦରଜକୁ ଲୁଣ ରୋକିଥାଏ । ପାଦ ଦରଜ ହେଲେ ଚାଲିବା କଷ୍ଟକର ହୋଇଥାଏ । ପାଦର ଆଙ୍ଗୁଠି, ଗୋଇଠି ଆଦିରେ ଯନ୍ତ୍ରଣା ହେଉଥିଲେ ଲୁଣ ଦ୍ୱାରା ଆରୋଗ୍ୟ ହୋଇଥାଏ । ପାଦ କ୍ଲାନ୍ତ ହୋଇ ପଡିଥିଲେ ଲୁଣପାଣିରେ ତାକୁ ଆରାମ ମିଳିଥାଏ । ଦୁଇ ପାଦ ବୁଡ଼ାଇ ହେଉଥିବା ପରି ଏକ ଛୋଟ କୁଣ୍ଡରେ ଗରମ ପାଣି ନେଇ ସେଥିରେ ଅଧାକପ ଲୁଣ ମିଶାନ୍ତୁ । ଏହାପରେ ୧୦ ରୁ ପନ୍ଦର ମିନିଟ୍ ଯାଏଁ ସେଥିରେ ପାଦ ବୁଡ଼ାଇ ରଖନ୍ତୁ । ଏହାପରେ ପାଦକୁ କାଢ଼ି ତାକୁ ଶୁଖିବାକୁ ଛାଡି ଦିଅନ୍ତୁ । ଏବେ ଧୀରେ ଧୀରେ ଏଥିରେ ମାଲିସ୍ କରନ୍ତୁ ଆରାମ ମିଳିବ । ଦିନକୁ ଅନ୍ତତଃ ଥରେ ଏପରି କରନ୍ତୁ ।

ଲୁଣ ଏକ ଉତ୍ତମ ଟୁଥ୍‌ପେଷ୍ଟ ପରି କାର୍ଯ୍ୟ କରିଥାଏ । ଏହା ଦାନ୍ତକୁ ସଫା ରଖିବା ସହ ବ୍ୟାକ୍ଟେରିଆ ମୁକ୍ତ କରେ । ଏହା ଦନ୍ତକ୍ଷୟକୁ ରୋକିଥାଏ । ଟୁଥ୍‌ବ୍ରସକୁ ଲୁଣରେ ବୁଡ଼ାଇ ଦନ୍ତ ଘଷନ୍ତୁ । ଏଥି ସହିତ ଆପଣ ସମାନ ମାତ୍ରାରେ ବେକିଂ ସୋଡ଼ା ମିଶାଇ ମଧ ଘଷି ପାରିବେ ।

କୀଟପତଙ୍ଗ କାମୁଡ଼ିବା ସ୍ଥାନଟି କୁଣ୍ଡେଇ ହେଉଥିଲେ କି ଯନ୍ତ୍ରଣା ହେଉଥିଲେ ଲୁଣକୁ ବ୍ୟବହାର କରି ପାରିବେ । ମହୁମାଛି କିମ୍ବା ବିରୁଡ଼ି ମାରିଥିଲେ ଲୁଣକୁ ଉପଚାର ଭାବେ ବ୍ୟବହାର କରନ୍ତୁ । ଏଥିରେ ଆଣ୍ଟିସେପ୍ଟିକ୍ ତତ୍ତ୍ୱ ଥିବାରୁ ତୁରନ୍ତ ବିଷକୁ ବାହାର କରିଦିଏ । ଫୁଲା ଏବଂ ଯନ୍ତ୍ରଣାକୁ କମାଇଥାଏ । ପ୍ରଥମେ ରହିଯାଇଥିବା ଶୁଣ୍ଢ ବାହାର କରି ସେ ସ୍ଥାନକୁ ସାବୁନରେ ଧୋଇ ଦିଅନ୍ତୁ । ଏଥିରେ ଲୁଣର ପେଷ୍ଟ ଲଗାଇ ଦିଅନ୍ତୁ । ଏହା ଶୁଖିଗଲେ ଅଧଘଣ୍ଟା ଛାଡି ଭଲ ଭାବେ ଧୋଇ ଦିଅନ୍ତୁ । ଆବଶ୍ୟକ ସ୍ଥଳେ ଆଉଥରେ କରି ପାରନ୍ତି ।

ନାକରୁ ପାଣି ବାହାରୁଥିଲେ ବା ନାକ ବନ୍ଦ ହୋଇ ଯାଉଥିଲେ ଲୁଣପାଣି ବ୍ୟବହାର କରନ୍ତୁ । ନାସିକାର ପଥକୁ ପରିଷ୍କାର ରଖିବା ଦ୍ୱାରା ଶ୍ୱାସପ୍ରଶ୍ୱାସ ନେବାକୁ ସହଜ ହୋଇଥାଏ । ଦୁଇ କପ୍ ଉଷୁମ ପାଣିରେ ଗୋଟେ ଚାମଚ ଲୁଣ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ନେତିର ଏକ ପାତ୍ରରେ ଏହି ମିଶ୍ରଣକୁ ନେତି କରନ୍ତୁ । କିଛିଦିନ ପାଇଁ ଦୈନିକ ଅନ୍ତତଃ ଥରେ ଏପରି କରନ୍ତୁ ।

ଅଣ୍ଡାକୁ ଶୀଘ୍ର ସିଝାଇବା ପାଇଁ ଅଣ୍ଡା ବସାଇବା ପାଣିରେ ଚିମୁଟାଏ ଲୁଣ ପକାଇ ଦିଅନ୍ତୁ ।

ଅଧାଚାମଚ ମହୁରେ ଦୁଇ ଚାମଚ ଲୁଣ ମିଶାଇ ଦେହରେ ଲଗାନ୍ତୁ । କିଛି ସମୟ ଛାଡି ଏହାକୁ ଭଲ ଭାବେ ସଫା କରି ଦିଅନ୍ତୁ । ସପ୍ତାହକୁ ଅତିକମରେ ଦୁଇଥର ଏପରି କରିବା ଦ୍ୱାରା ଦେହର ଟୋନିଂ ସମସ୍ୟା ଦୂର ହୁଏ, ତ୍ୱଚା ଉଜ୍ୱଳ ଦିଶେ । ସେହିପରି ଆପଣ କଞ୍ଚା କ୍ଷୀରକୁ ଦେହରେ ଲଗାଇ ତାକୁ ଶୁଖିବାକୁ ଛାଡି ଦିଅନ୍ତୁ । ଏହାପରେ ଲୁଣରେ ଧୀରେ ଧୀରେ ରଗଡ଼ି ସଫା କରନ୍ତୁ । ତ୍ୱଚା ଉଜ୍ୱଳ ଦିଶିବ ।

ଗୋଟେ ଚାମଚ ଲୁଣରେ ଗୋଟେ ଚାମଚ ଲେମ୍ବୁରସ ଭଲ ଭାବେ ମିଶାଇ ତାକୁ ଦେହରେ ଲଗାନ୍ତୁ । କିଛି ସମୟ ପରେ ଧୋଇ ଦିଅନ୍ତୁ । ବେଶୀ ସମୟ ଏହା ଲଗାଇ ରଖନ୍ତୁ ନାହିଁ । ଏହା ତ୍ୱଚାକୁ ଶୁଷ୍କ କରିଦିଏ । ଏହାଦ୍ୱାରା ବ୍ରଣ ଦାଗକୁ ହଟାଇ ହେବ ।

ଲୁଣ ଏକ ଉତ୍ତମ ଟୋନର ! ଏହା ତ୍ୱଚାକୁ ଅତିରିକ୍ତ ତେଲକୁ ବାହାର କରିଦିଏ ଏବଂ ତ୍ୱଚାର ଭିତରକୁ ମଧ ସଫା ରଖିଥାଏ । ଏଥିପାଇଁ ଆପଣ ଗୋଟିଏ କପ୍ ପାଣିରେ ଏକ ଚାମଚ ଲୁଣ ମିଶାଇ ଏହାକୁ ଏକ ସ୍ପ୍ରେ ବୋତଲରେ ଭରନ୍ତୁ । ଏହାକୁ ଆପଣ ଶୁଖିଲା ତ୍ୱଚାରେ ସ୍ପ୍ରେ କରନ୍ତୁ । ସ୍ପ୍ରେ କଲାବେଳେ ଆଖି ବନ୍ଦ ରଖନ୍ତୁ,ଯେପରି ଏହା ଆଖିରେ ନ ପଶେ ।

# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଞ୍ଚା କଦଳୀ



କଞ୍ଚା କଦଳୀରେ ପୋଟାସିୟମ ଭରପୁର ମାତ୍ରା ରହିଛି । ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ । ଦିନ ତମାମ ଶରୀରକୁ ଫୁର୍ତ୍ତି ରଖିଥାଏ । ଏଥିରେ ଥିବା ଭିଟାମିନ୍ ବି-୬ ଓ ଭିଟାମିନ୍ -ସି ଶରୀରର କୋଷିକାଗୁଡିକୁ ପୋଷଣ ଯୋଗାଇଥାନ୍ତି । କଞ୍ଚା କଦଳୀରେ ଆଣ୍ଟି ଅକ୍ସିଡାଣ୍ଟ ରହିଛି । କେବଳ ସେତିକି ନୁହେଁ, ଏଥିରେ ଫାଇବର ଓ ହେଲଦୀ ଷ୍ଟାର୍ଚ ରହିଥିବାରୁ ଏହା ପେଟରେ କୌଣସି ଅପରିଷ୍କାର ଜିନିଷ ଜମିବାକୁ ଦେଇ ନ ଥାଏ । ମଧୁମେହ ରୋଗରେ ପୀଡିତ ବ୍ୟକ୍ତିଙ୍କୁ କଞ୍ଚା କଦଳୀ ଖାଇବା ଉଚିତ । ଏହା ଦ୍ୱାରା ମଧୁମେହକୁ ନିୟନ୍ତ୍ରିତ କରି ହୁଏ । ପ୍ରତିଦିନ କଞ୍ଚା କଦଳୀ ଖାଇବା ଦ୍ୱାରା ପାଚନ କ୍ରିୟା ସହଜ ହୋଇଥାଏ । କଞ୍ଚା କଦଳୀରେ କ୍ୟାଲସିୟମ୍ ବି ଅଛି । ଏହା ହାଡ଼କୁ ମଜଭୁତ ରଖିବାରେ ସହାୟକ ହୋଇଥାଏ ।

## ଆପଣ ଜାଣନ୍ତି କି ?

- ୟୁକ୍ଲିଡ୍‌ଙ୍କୁ ଜ୍ୟାମିତିର ପିତା କୁହାଯାଏ ।
- ଗଣିତ ବିଦ୍ୟାଳୟରେ କମ୍ପ୍ୟୁଟରକୁ ବି ପଛରେ ପକାଇ ଦେଇଥିବା ଭାରତୀୟ ମହିଳା ହେଉଛନ୍ତି ଶକୁନ୍ତଳା ଦେବୀ ।
- ଜୁଡ୍ ଫେଲିକ୍ସ ହେଉଛନ୍ତି ଭାରତୀୟ ହକିର ପ୍ରସିଦ୍ଧ ଖେଳାଳି ।
- ଅର୍ଥନୀତି କ୍ଷେତ୍ରରେ ପ୍ରଫେସର ଅମର୍ତ୍ତ୍ୟ ସେନ ପ୍ରସିଦ୍ଧି ଲାଭ କରିଛନ୍ତି ।
- ଚଳଚ୍ଚିତ୍ର ନିର୍ଦ୍ଦେଶନାରେ ସତ୍ୟଜିତ୍ ରାୟ ଅନ୍ତର୍ଜାତିକ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଛନ୍ତି ।
- କୁଷ୍ଠ ନିବାରଣ ପାଇଁ କୋରିଆର ଡକ୍ଟର ଜୁନ୍ ଲିଉ ଅନ୍ତର୍ଜାତୀୟ ଗାନ୍ଧି ପୁରସ୍କାର ଲାଭ କରିଛନ୍ତି ।
- ପଦ୍ମଭୂଷଣ ଚିତ୍ରକର ଜାମିନି ରାୟ ୧୮୮୭ ମସିହା ଏପ୍ରିଲ ୧୧ ରେ ଜନ୍ମ ଗ୍ରହଣ କରିଥିଲେ ।
- ପଣ୍ଡିତ ବିରଜୁ ମହାରାଜ ଶାସ୍ତ୍ରୀୟନୃତ୍ୟରେ ଆନ୍ତର୍ଜାତିକ ସ୍ତରରେ ପ୍ରସିଦ୍ଧି ଅର୍ଜନ କରିଥିଲେ ।
- ଇଟାଲୀର ସାନ ବିଆଜିଓ ଡି କାଲାଟାରେ ଜନ୍ମ ଗ୍ରହଣ କରିଥିବା ପିଏରେ କାରଡିନ୍ ଫ୍ୟାସନ ଡିଜାଇନ୍ କ୍ଷେତ୍ରରେ ପ୍ରସିଦ୍ଧ ଅର୍ଜନ କରିଛନ୍ତି ।
- ରବୀନ୍ଦ୍ରନାଥଟାଗୋର ସାହିତ୍ୟରେ ୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇଥିଲେ ।

## କହିପାରିବେ କି ?

୧) ଆୟୁର୍ବେଦର ବର୍ଣ୍ଣନା କେଉଁ ବେଦରେ କରାଯାଇଛି ?
(୨) ଲକ୍ଷ୍ମଣଙ୍କୁ ନାଗଫାଶରୁ କିଏ ମୁକ୍ତ କରିଥିଲେ ?
(୩) ଇନ୍ଦ୍ରଙ୍କ ବିମାନର ନାମ କ'ଣ ?
(୪) ଶତ୍ରୁଘ୍ନଙ୍କ ମାତାଙ୍କ ନାମ କ'ଣ ?
(୫) ଶନିଙ୍କ ପିତାଙ୍କ ନାମ କ'ଣ ?
(୬) ବାନର ରାଜା ବଳୀ କାହାର ପୁତ୍ର ଥିଲେ ?
(୭) 'ବଜ୍ର' ଅସ୍ତ୍ର କେଉଁ ଋଷିଙ୍କ ଅସ୍ଥିରୁ ନିର୍ମିତ ?
(୮) ରାମାୟଣରେ କେଉଁ ସମୁଦ୍ରର ଜଳ ରକ୍ତ ବର୍ଣ୍ଣର ଥିଲା ?
(୯) ସମୁଦ୍ର ମନ୍ଥନରେ କେଉଁ ପର୍ବତକୁ ବ୍ୟବହାର କରାଯାଇଥିଲା ?
(୧୦) କେଉଁ ମହର୍ଷି ନିଜ ମାତାଙ୍କ ଶିର ଚ୍ଛେଦନ କରିଥିଲେ ?

## JUMBLE WORDS

| | | | |
|---|---|---|---|
| 1) CLXEE | = | 6) SSCYEE | = |
| 2) SOLTCE | = | 7) OTYEPR | = |
| 3) MORHEC | = | 8) OVFRA | = |
| 4) NOHMT | = | 9) BBIER | = |
| 5) RDHOC | = | 10) MLINEB | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. କେନ୍ଦ୍ର ଏସିଆ, ୨. ସୁଷେଣ, ୩. ଚୀନ, ୪. ଅକ୍ଟୋବର ୨, ୨୦୧୪, ୫. ପୋମୋଲୋଜି, ୬. ମେ' ୮, ୭. କିରନ୍ ବେଦୀ, ୮. ଆର୍.କେ.ନାରାୟଣ, ୯. ବାଲ୍ ଗଙ୍ଗାଧର ତିଲକ, ୧୦. ଅଷ୍ଟ୍ରେଲିଆ ।

***Jumble Words*** ର ଉତ୍ତର :-

(1) PLUCK (2) DIMLY (3) LODINE (4) FLAVOR (5) ITCHY (6) DERBY (7) BARREL (8) ENTICE (9) HARSH (10) PLANK

# ସମ୍ବାଦ ରଚନା ତନଖି

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ସମ୍ବାଦ ରଚନା ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ବାଦ ତନଖି ଅପରିହାର୍ଯ୍ୟ । ଇଂଲିଶରେ ଏହି ଦୁଇ ପର୍ଯ୍ୟାୟ 'କପି ରାଇଟିଂ' ଓ 'କପି ଚେକିଂ' ନାମିତ । 'ସମ୍ବାଦ ରଚନା ତନଖି' ଶ୍ରୁତିକଟୁ ହେଉଥିବା ହେତୁ 'କପି ଚେକିଂ' ଶବ୍ଦ ବ୍ୟବହାର ଉପଯୁକ୍ତ ମନେହୁଏ ।

ସାମ୍ବାଦିକତା ପରିସରରେ ସମ୍ବାଦ ପ୍ରକାଶିତ ହେବା ପରେ ତାହା ବହୁ ସଂଖ୍ୟକ ପାଠକ, ଶ୍ରୋତା, ଦର୍ଶକ ପଢୁଥିବା, ଶୁଣୁଥିବା, ଦେଖୁଥିବା ହେତୁ ସମ୍ବାଦ ପାଠ୍ୟ 'ଟେକ୍ସଟ' ନିର୍ଭୁଲ ଓ ସାବଲୀଳ ହେବା ବାଞ୍ଛନୀୟ । ସାଧାରଣରେ ପ୍ରକାଶିତ ସମ୍ବାଦ ବିଶ୍ୱାସ ଯୋଗ୍ୟ ଓ ବ୍ୟବହାର ଯୋଗ୍ୟ ଦଲିଲ ରୂପେ ସ୍ୱୀକୃତି ପାଇଥାଏ । ତେଣୁ ତଥ୍ୟ କିମ୍ବା ଆଙ୍ଗିକ କୌଣସିଟିରେ ତ୍ରୁଟି ଅକ୍ଷମଣୀୟ ।

ଅବଶ୍ୟ ପ୍ରଚଳିତ ସାମ୍ବାଦିକତାରେ ସମ୍ବାଦ ରଚନାର ଗୁରୁତ୍ୱ ଅନେକସ୍ତରରେ ଅବହେଳିତ ଏବଂ ବହୁ ସାମ୍ବାଦିକ, ସମ୍ପାଦକ, ପ୍ରକାଶକ ବିଭିନ୍ନ କାରଣରୁ ଅଣଦେଖା କରିଥାନ୍ତି । ସାମ୍ବାଦିକତା ଅଧ୍ୟୟନ କାଳରେ ସେଗୁଡ଼ିକୁ ସମ୍ବାଦ ପଦବାଚ୍ୟ ଗ୍ରହଣ କରାଯାଇ ନ ପାରେ ।

ସମ୍ବାଦ ରଚନାରେ ଉତ୍କର୍ଷ ତଥ୍ୟଗତ ଓ ସର୍ଜନଶୀଳ ଦକ୍ଷତା ଉପରେ ନିର୍ଭରଶୀଳ । ସମ୍ବାଦରେ ସ୍ଥାନିତ ସମସ୍ତ ତଥ୍ୟ ସତ୍ୟ ଆଧାରିତ ହେବା ସାଙ୍ଗକୁ ତଥ୍ୟ ସଂପର୍କୀତ ପ୍ରତ୍ୟକ୍ଷ ଓ ପରୋକ୍ଷ ଦିଗଗୁଡ଼ିକୁ ନିରପେକ୍ଷ ଓ ସ୍ୱାଧୀନ ଦୃଷ୍ଟିକୋଣରୁ ଯୁକ୍ତିଯୁକ୍ତ ଶୈଳୀରେ ଉପସ୍ଥାପନ କରିବାକୁ ପଡ଼ିଥାଏ । ସମ୍ବାଦ କିପରି ପାଠକଙ୍କ ଧ୍ୟାନ ଆକର୍ଷକ, ଆବେଗପୂର୍ଣ୍ଣ ଓ ପ୍ରୋତ୍ସାହନ ମୂଳକ ହୋଇପାରିବ ସେଦିଗରେ ଉଦ୍ୟମ ଜରୁରୀ । ସର୍ଜନଶୀଳ ସାହିତ୍ୟ ଭଳି ସମ୍ବାଦର ପ୍ରଭାବ ପାଠକ ଚିତ୍ତରେ ଦୀର୍ଘସ୍ଥାୟୀ ହେବା ଗୁଣାତ୍ମକ ସାମ୍ବାଦିକତାର ପରିଚୟ ଦିଏ ।

କପିଚେକିଂ ସମ୍ବାଦରେ ବର୍ଣ୍ଣିତ ଘଟଣାକ୍ରମର ସତ୍ୟତା ସହ ସୂଚିତ ଅନ୍ୟାନ୍ୟ ଦିଗ, ଯଥା : ସ୍ଥାନର ନାମ, ସମୟ, ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ନାମ ଓ ପରିଚୟ ସଠିକ ଉପସ୍ଥାପନ ତଥା ନିର୍ଭୁଲ ବନାନ ଇତ୍ୟାଦି ମଧ ଗୁରୁତ୍ୱ ବହନ କରେ । ଏହି ଦିଗଗୁଡ଼ିକରେ ତ୍ରୁଟି ଉପସ୍ଥାପିତ ସମ୍ବାଦର ପାଠକୀୟ ସ୍ୱୀକୃତି କ୍ଷୁର୍ଣ୍ଣ କରିଥାଏ । ସମ୍ବାଦ ସଂସ୍ଥା, ବୃତ୍ତିଗତ ସଂଗଠନ ଓ ବିଶେଷଜ୍ଞମାନେ ସମ୍ବାଦ ରଚନା ନିମନ୍ତେ ମାର୍ଗ ଦର୍ଶିକା ସହ କପିଚେକିଂ ନିମନ୍ତେ ମଧ ଆଚରଣ ସଂହିତା ପ୍ରସ୍ତୁତ କରିଥାନ୍ତି ।

ଯୁକ୍ତରାଷ୍ଟ୍ର ଆମେରିକାର 'ନ୍ୟାସନାଲ ପବ୍ଲିକ ରେଡ଼ିଓ' ଏକ ବୃହତ୍ତ ପ୍ରସାରଣ ନେଟଓ୍ୱାର୍କ । ଏଥିସହ ଏକ ହଜାରରୁ ଉର୍ଦ୍ଧ୍ୱ ରେଡ଼ିଓ ଷ୍ଟେସନ ସହବନ୍ଧିତ ଥିବା ସ୍ଥଳେ ସାପ୍ତାହିକ ଶ୍ରୋତା ସଂଖ୍ୟା ସମୁଦାୟ ଛଅ କୋଟି ହିସାବ କରାଯାଏ । ଅନ୍ୟାନ୍ୟ ସଂସ୍ଥାଭଳି 'ଏନପିଆର' ମଧ ସାମ୍ବାଦିକତା ତାଲିମ ଅବସରରେ କପିଚେକିଂ ନିମନ୍ତେ ନିର୍ଦ୍ଦେଶନାମା ଜାରୀ କରିଥାଏ । କପିଚେକିଂ ସଂପର୍କରେ ଆଲୋଚନା କଲାବେଳେ 'ଏନପିଆର'ର ଗାଇଡ଼ଲାଇନକୁ ଏକ ଉଦାହରଣ ରୂପେ ଗ୍ରହଣ କରାଯାଇ ପାରେ ।

ସମ୍ବାଦରେ ସୂଚିତ ପ୍ରତ୍ୟେକଟି ବ୍ୟକ୍ତି ଓ ସ୍ଥାନର ନାମ ସଠିକ ହେବା ସହ ଉଚ୍ଚାରଣ ଓ ବନାନ ପ୍ରତି ଦୃଷ୍ଟିଦେବା ବିଧେୟ । ଦୂରଦୂରାନ୍ତ ଭିନ୍ନ ଭାଷାଭାଷୀଙ୍କ ମଧରେ ପ୍ରଚଳିତ ନାମଗୁଡ଼ିକ ପୂର୍ବପରିଚିତି ଅଭାବରେ ସଠିକ ଉଚ୍ଚାରଣ କରିହୁଏ ନାହିଁ । ଫଳରେ ବନାନ ଅଶୁଦ୍ଧ ହେବା ସ୍ୱାଭାବିକ । କିନ୍ତୁ ସମ୍ବାଦ ରଚନା ଅବସରରେ ଏହି ସମସ୍ୟାରୁ ମୁକୁଳିବା ନିମନ୍ତେ ବିଭିନ୍ନ ଉପାୟ ଅବଲମ୍ବନ କରାଯାଇ ପାରେ । ପ୍ରାଥମିକ ଭାବେ ବିକଶିତ ଭାଷାଗୁଡ଼ିକର ବିଭିନ୍ନ ଶବ୍ଦର ଉଚ୍ଚାରଣ 'ଗୁଗୁଲ ସର୍ଚ୍ଚ'ରେ ଉପଲବ୍ଧ । ଏହିପରି ଅନ୍ୟାନ୍ୟ ସାଧନ ଅନଲାଇନ ପରିସରରେ ଠାବ କରାଯାଇ ସାମ୍ବାଦିକ ଓ ସମ୍ପାଦକମାନେ ଆବଶ୍ୟକମତେ ବ୍ୟବହାର କରିପାରିବେ ।

ବ୍ୟକ୍ତି ବିଶେଷଙ୍କ ନାମ ସହ ପଦପଦବୀ ଓ ସଂପୃକ୍ତ ଅନୁଷ୍ଠାନଗୁଡ଼ିକ ସଂପର୍କରେ ବିବରଣୀର ସଠିକ ଉପସ୍ଥାପନ ନିମନ୍ତେ ସମ୍ବାଦ ରଚନା ସମୟରେ ତନ୍ନ ତନ୍ନ ତନଖି କରିବାକୁ ପଡିଥାଏ । ବ୍ୟକ୍ତିବିଶେଷଙ୍କ ବୟସ ଉଲ୍ଲେଖ କରିବା ଅବସରରେ ସେମାନଙ୍କ ଜନ୍ମ ତାରିଖ ଉପଲବ୍ଧ ଥିଲେ ପୁନର୍ବାର ଗଣିତ କରିବା ଉତ୍ତମ ଅଭ୍ୟାସ । ବ୍ୟକ୍ତି ଓ ସଂସ୍ଥାର ଅତୀତ କାର୍ଯ୍ୟଧାରା ସଂପର୍କରେ ଆଲୋକପାତ କରିବାକୁ ଥିଲେ ନିଜ ସ୍ମରଣଶକ୍ତି ବଦଳରେ ପ୍ରାମାଣିକ ତଥ୍ୟ ପରଖିନେବା ଆବଶ୍ୟକ । କ୍ରମଶଃ ଅନଲାଇନ ପରିବେଶ ସଂପ୍ରସାରିତ ହେଉଥିବା ହେତୁ ପ୍ରାୟ ସବୁ ସହର ଓ ପ୍ରମୁଖ ସଂସ୍ଥା ତଥା ବ୍ୟକ୍ତିବିଶେଷଙ୍କ ସଂପର୍କରେ ତଥ୍ୟ ପାଇବା ସରଳ ହୋଇପାରିଛି । ବିନା ଦ୍ୱିଧାରେ ସେହି ସୁଯୋଗ ସୁବିଧା ଉପଯୋଗ କରିବାକୁ ପଡିଥାଏ ।

ସମ୍ବାଦରେ କାହାରି ମତ-ମତାନ୍ତର ଉଦ୍ଧୃତି ଆକାରରେ ପ୍ରକାଶ କଲାବେଳେ ସୂତ୍ରଙ୍କ ଦୃଷ୍ଟିଭଙ୍ଗୀକୁ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ । ଉଦ୍ଧୃତି ନିର୍ବାଚନ ଓ ଆକାର ସାମ୍ବାଦିକଙ୍କ ଇଚ୍ଛାଧୀନ ଥିବା ହେତୁ ପକ୍ଷପାତିତା ପ୍ରତି ସେ ଦ୍ୱିବାର ସତର୍କ ହେବା ଉଚିତ । ସମ୍ବାଦରେ କୌଣସି ଟେଲିଫୋନ ନମ୍ବର, ଇମେଲ ଆଇଡ଼ି କିମ୍ବା ଓ୍ୱେବ ଠିକଣା ଉଲ୍ଲେଖ କରାଯିବା ପୂର୍ବରୁ ସାମ୍ବାଦିକ ବ୍ୟକ୍ତିଗତଭାବେ ସେଗୁଡ଼ିକୁ ପୁଣିଥରେ ବାସ୍ତବ କ୍ଷେତ୍ରରେ ତନଖି ନେଲେ ଭୂଲଭଟ୍ଟକାର ଭୟ ଦୂର ହୋଇଥାଏ ।

ସମ୍ବାଦ ରଚନା କାଳରେ ପ୍ରଥମ ପାଣ୍ଡୁଲିପି 'ଫାଷ୍ଟ ଡ୍ରାଫଟ' ପ୍ରସ୍ତୁତ ହୋଇ ସାରିବା ପରେ ବିଭିନ୍ନ ଖ୍ୟାତନାମା ସାମ୍ବାଦିକ ବିଭିନ୍ନ ଶୈଳୀରେ ତାହା ତନଖି, ସଂଶୋଧନ ଓ ପୁନଃଲିଖନ କରିଥାନ୍ତି । 'ଏନପିଆର' ସାମ୍ବାଦିକତା ତାଲିମ ପାଠ୍ୟକ୍ରମରେ ସୂଚିତ ମୁଖ୍ୟ ନିର୍ଦ୍ଦେଶାବଳୀ ଗୁଡ଼ିକ ମଧରେ ପୁନଃପଠନ ସର୍ବୋଗ୍ରେ ସ୍ଥାନିତ । ସମ୍ବାଦ ରଚନା କରିସାରିବା ପରେ ସଂପୃକ୍ତ ସାମ୍ବାଦିକ ତାକୁ ଉଚ୍ଚ ସ୍ୱରରେ ପାଠ କଲେ ଅନେକ ସୁଫଳ ମିଳିଥାଏ । ଭୂଲ ଭଟ୍ଟକାଗୁଡ଼ିକୁ ଚିହ୍ନଟ କରିବା ନିମନ୍ତେ ଏହା ଏକ ସରଳ ଉପାୟ ।

ତେବେ ପ୍ରଥମଥର ସମ୍ବାଦ ପାଠ କାଳରେ ଭୂଲ ଦେଖିଲେ ଅଟକି ଯାଇ ତାହାକୁ ତୁରନ୍ତ ସଂଶୋଧନ କରିବା ବଦଳରେ ସେଠାରେ ସାମାନ୍ୟ ଚିହ୍ନ ଦେଇ ପୁରା ସମ୍ବାଦଟିକୁ ପଢ଼ିଯିବା ଭଲ । ସମ୍ବାଦ ପଢ଼ି ସାରିଲା ପରେ ଚିହ୍ନିତ ସ୍ଥାନଗୁଡ଼ିକୁ ଫେରି ଆବଶ୍ୟକୀୟ ସଂଶୋଧନ କରାଯାଇ ପାରେ । ସ୍ଥଳ ବିଶେଷରେ ନୂତନ ଶବ୍ଦ ଯୋଡ଼ିବା ସମୟରେ ଅଧିକ ସତର୍କ ରହିବାକୁ ପଡେ । କାରଣ ନୂଆ ଭୂଲଟିଏ ସୃଷ୍ଟି ହୋଇପାରେ ।

କୁହାଯାଏ ଯେ ରଚନାରେ ଭୂଲଭଟ୍ଟକା ସାଧାରଣରେ ଯୋଡ଼ା-ଯୋଡ଼ି ଦେଖିବାକୁ ମିଳେ । ଅର୍ଥାତ ଗୋଟିଏ ଭୂଲ ଚିହ୍ନଟ ହେଲେ, ଅନ୍ୟଗୁଡ଼ିକୁ ଖୋଜିବାହାର କରିବାକୁ ଯତ୍ନବାନ ହେବାକୁ ପଡ଼ିବ । କେତେକ ଶବ୍ଦ ଅଭ୍ୟାସବଶତଃ ବାରମ୍ବାର ବ୍ୟବହୃତ ହୋଇଥାଏ । ରଚନାକାଳରେ ଏହା ବାରି ହେଉ ନଥିବା ସ୍ଥଳେ ପଠନ ଓ ପୁନଃପଠନ କାଳରେ ଶ୍ରୁତିକଟୁ ବାଧ ହୁଏ । ଆବଶ୍ୟକମତେ ବିକଳ୍ପ ଶବ୍ଦ ସଂଯୋଜନା ରଚନାଟିକୁ ସାବଲୀଳ କରିଥାଏ ।

ପ୍ରସ୍ତୁତ ସମ୍ବାଦର ପାଠ୍ୟ ଉଭୟ ସାମ୍ବାଦିକ ଓ ସମ୍ପାଦକଙ୍କ ଦ୍ୱାରା ବାରମ୍ବାର ପଠନ ଅଭ୍ୟାସ ସମ୍ବାଦର ଗୁଣବତ୍ତା ବିକାଶରେ ସହାୟକ । ସାମ୍ବାଦିକ ପ୍ରଥମ ଥର ପ୍ରସ୍ତୁତ ସମ୍ବାଦ ପାଠ୍ୟ ଉଚ୍ଚସ୍ୱରରେ ପଢ଼ି ସାରିବା ପରେ ଦ୍ୱିତୀୟ ଓ ତୃତୀୟବାର ପଠନର ମହତ୍ତ୍ୱ ବୃଦ୍ଧିଲାଗି ବିଭିନ୍ନ ଉପାୟ ଅବଲମ୍ବନ କରିପାରେ । ଜଣେ ସାମ୍ବାଦିକ ସମ୍ବାଦର ପାଠ୍ୟ ପ୍ରସ୍ତୁତ କଲାପରେ ପ୍ରଥମ ପଠନ ପରେ ସମ୍ବାଦର କିଛି ଅଂଶ ତାହାର ମୁଖସ୍ଥ ହୋଇ ପଡୁଥିବା ଦେଖିବାକୁ ମିଳେ । ଫଳରେ ଦ୍ୱିତୀୟ ପଠନ କାଳରେ ଛାଡ଼ିଯାଇଥିବା ଭୂଲ ଭଟ୍ଟକାକୁ ସେ ସହଜରେ ଖୋଜି ପାଇପାରେନା ।

ଏହି ପରିସ୍ଥିତିକୁ ଏଡ଼ାଇବାଲାଗି କେତେକ ସାମ୍ବାଦିକ ପ୍ରସ୍ତୁତ ସମ୍ବାଦକୁ ଉପରୁ ତଳକୁ ନପଢ଼ି ତଳ ପାରାଗ୍ରାଫରୁ ତତ୍ ପୂର୍ବ ପାରାଗ୍ରାଫ କ୍ରମରେ ପଢନ୍ତି । ଅନ୍ୟ କେତେକ କମ୍ପ୍ୟୁଟର ସ୍କ୍ରିନରେ ସମ୍ବାଦ ପଢ଼ିବା ପରେ ଦ୍ୱିତୀୟବାର ତାକୁ କାଗଜରେ ପ୍ରିଣ୍ଟ କରି ପଢ଼ନ୍ତି । କିଛି ନ ହେଲେ ଅକ୍ଷରର ଆକାର 'ଫଣ୍ଟ' ବଢ଼ାଇ ନୂତନ ଆଙ୍ଗିକ ସୃଷ୍ଟିର ଉଦ୍ୟମ କରନ୍ତି । ବହୁ ବଡ଼ ସମ୍ବାଦପତ୍ର ସଂସ୍ଥାରେ ଅନଲାଇନରେ ସମ୍ପାଦକୀୟ କାରବାର ଚାଲୁଥିଲେ ହେଁ ସମ୍ବାଦ ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ କାଗଜ ପ୍ରିଣ୍ଟକୁ ପୁରୁଣା କାଳିଆ ପ୍ରୁଫରିଡ଼ରମାନଙ୍କ ଦ୍ୱାରା ସଂଶୋଧନର ବ୍ୟବସ୍ଥା ରହିଥାଏ ।

ବହୁ ବଡ଼ ଲେଖକ ସୃଜନପରେ କିଛି କାଳ ଅନ୍ତେ ତାହାର ସଂଶୋଧନ କରିଥାନ୍ତି । ସମ୍ବାଦ ରଚନା ଓ ପ୍ରକାଶନର ସମୟ ଅବଧି ସୀମିତ ହୋଇଥିବା ହେତୁ ପାଣ୍ଡୁଲିପି ସଂଶୋଧନଲାଗି ପର୍ଯ୍ୟାପ୍ତ ସମୟର ବିଳାସ ସଂଭବ ନହୋଇ ପାରିଲେ ସୁଦ୍ଧା ପ୍ରସ୍ତୁତ ସମ୍ବାଦର ପ୍ରଥମ ପଠନପରେ ଗୋଟିଏ ଟେଲିଫୋନ କଲ, ଛୋଟ ଭିଡ଼ିଓ ଦେଖା କିମ୍ବା ଘେରାଏ ବୁଲି ଆସିବା ପରେ ଦ୍ୱିତୀୟ ପଠନ ଅଧିକ ଫଳପ୍ରଦ ହୋଇଥାଏ । ପ୍ରସ୍ତୁତ ପାଠ୍ୟକୁ ସହଯୋଗୀ ସାମ୍ବାଦିକଙ୍କ ଦ୍ୱାରା ପଠନ ଓ ଟିପ୍ପଣୀ ସଂଗ୍ରହ ସର୍ବାପେକ୍ଷା ମୂଲ୍ୟବାନ ।

ସମ୍ବାଦର ପ୍ରଥମ ଓ ଶେଷ ଭାଗ ଗୁରୁତ୍ୱପୂର୍ଣ୍ଣ ଅଂଶ । ପାଠକ ସମ୍ବାଦ ପଠନକାଳରେ ଉକ୍ତ ସମ୍ବାଦ ନିମନ୍ତେ ତଥ୍ୟ ସଂଗ୍ରହ କରିବାରେ ସାମ୍ବାଦିକ କେତେ ସାମର୍ଥ୍ୟ, ସମୟ ଓ ଅର୍ଥ ବିନିଯୋଗ କରିଛନ୍ତି ତଥା କେଉଁ ପରିସ୍ଥିତିରେ ରଚନା ଓ ସଂଶୋଧନ କରି ପ୍ରକାଶ କରିଛନ୍ତି, କୌଣସିଟିକୁ ବିଚାରକୁ ନେଇ ନଥାଏ । ଉପସ୍ଥାପିତ ସମ୍ବାଦ ଆକର୍ଷକ, ସାବଲୀଳ ଓ ତଥ୍ୟପୂର୍ଣ୍ଣ ହୋଇଥିଲେ ତାହା ପାଠକ ପଢ଼ିଥାଏ, ପ୍ରଶଂସା କରେ ଏବଂ ସେଭଳି ସମ୍ବାଦ ପଢ଼ିବା ନିମନ୍ତେ ଗ୍ରାହକଚାନ୍ଦା ଦେବା ପାଇଁ ଆଗେଇ ଆସିଥାଏ । ଅତଏବ, ସମକାଳୀନ ସାମ୍ବାଦିକତା କ୍ରମଶଃ ଗ୍ରାହକଚାନ୍ଦା ଆଶ୍ରିତ ମଡ଼େଲକୁ ପରିବର୍ତ୍ତିତ ହେଉଥିବା ଅବସରରେ ସମ୍ବାଦ ରଚନା ତନଖି ସର୍ବାପେକ୍ଷା ଗୁରୁତ୍ୱ ବହନ କରେ ।

# ଜ୍ଞାନର ନେତ୍ର ଦ୍ୱାରା ହୁଏ...

ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ

ଶ୍ରଦ୍ଧାର ବଳ ଯୋଗୁଁ ଏକଲବ୍ୟକୁ ମାଟିର ମୂର୍ତ୍ତିରେ ଦ୍ରୋଣାଚାର୍ଯ୍ୟ ଦେଖାଗଲେ ଏବଂ ଖାଲି ଯେ ଦେଖାଗଲେ ତାହା ନୁହେଁ, ବରଂ ସେ ତାକୁ ଶିକ୍ଷା ମଧ ପ୍ରଦାନ କରିଥିଲେ, ଧନୁର୍ବିଦ୍ୟାରେ ନିଷ୍ଣାତ କରାଇଥିଲେ । ଶ୍ରଦ୍ଧାର ବଳ ଯୋଗୁଁ ମୀରାଙ୍କ ପାଇଁ ପଥର ପ୍ରତିମାକୁ ଗିରିଧର ଗୋପାଳ ହେବାକୁ ପଡିଥିଲା, ତାଙ୍କ ପାଇଁ ହଳାହଳ ବିଷ ପାନ କରିବାକୁ ପଡ଼ିଥିଲା । ଶ୍ରଦ୍ଧାର ବଳ ଥିବାରୁ ରାମକୃଷ୍ଣ ପରମହଂସଙ୍କ ପାଇଁ ମୂର୍ତ୍ତି ମଧରେ ସ୍ୱୟଂ କାଳୀଙ୍କୁ ପ୍ରକଟିତ ହେବାକୁ ପଡିଥିଲା । ଶ୍ରଦ୍ଧା ଓ ବିଶ୍ୱାସ ରହିଥିଲେ ଅଜ୍ଞାନର ଆବରଣ ହଟିଯାଏ, ସେତେବେଳେ ହିଁ ପରମାତ୍ମା ସର୍ବତ୍ର ନିଜର ଲୀଳା କରିବାର ଦେଖା ଯାଇଥାଏ । ମହାଭାରତରେ ବର୍ବରୀକ (ବେଲାଳସେନ)ର ପ୍ରସଙ୍ଗ ଆସେ । ଭଗବାନ କୃଷ୍ଣ ସୁଦର୍ଶନ ଚକ୍ର ଦ୍ୱାରା ତା'ର ଶିରଚ୍ଛେଦନ କରିବାରୁ ସେ ମହାଭାରତ ଯୁଦ୍ଧ ନିଜ ଆଖିରେ ଦେଖିବାକୁ ଇଚ୍ଛା କରୁଛି ବୋଲି ନିବେଦନ କରିଥିଲା । ଭଗବାନ ତାକୁ ନିକଟରେ ଥିବା ଏକ ପାହାଡ଼ ଉପରେ ରଖିଦେଲେ, ଯାହା ଦ୍ୱାରା ତା'ର ମୁଣ୍ଡ ସବୁ କିଛି ଦେଖି ପାରିବ । ଯୁଦ୍ଧରେ ଜଣେ ଯୋଦ୍ଧା ହତ ହେବା ପରେ ବିବାଦ ଉପୁଜିଲା ଯେ ତା'ର ବଧ କାହାର ତୀର ଦ୍ୱାରା ହୋଇଥିଲା ? ସମାଧାନ ପାଇଁ ସମସ୍ତେ ଭଗବାନ କୃଷ୍ଣଙ୍କ ନିକଟରେ ପହଞ୍ଚିବାରୁ ସେ ସମସ୍ତଙ୍କୁ କହିଲେ ଯେ ବେଲାଳସେନ ସବୁ ଦେଖିଛି, ତାକୁ ପଚାର । ବେଲାଳସେନକୁ ପଚାରିବାରୁ ସେ କହିଲା ପ୍ରଭୁ ! କାହିଁକି ଲୋକହସା କରୁଛନ୍ତି । ସବୁ ପଟରେ ଆପଣ ହିଁ ଅଛନ୍ତି । ମରିବା ବାଲା ଓ ମାରିବା ବାଲା ସର୍ବତ୍ର ମୁଁ କେବଳ ଆପଣଙ୍କୁ ହିଁ ଦେଖୁଛି । ଏହିପରି ଯେତେବେଳେ ଆଖି ଆଗରୁ ଅଜ୍ଞାନର ପରଦା ହଟିଯାଏ, ସେତେବେଳେ ଜ୍ଞାନଚକ୍ଷୁ ଦ୍ୱାରା ଏହି ସତ୍ୟ ଅନୁଭୂତ ହୋଇପାରେ ଯେ ସମସ୍ତ କର୍ମ ଯାହାକୁ ଜୀବାତ୍ମା କରିଥାଏ, ତାହା ପରମାତ୍ମାଙ୍କର ହିଁ ଅଭିନ୍ନ ଅଂଶ । ସମସ୍ତ ଦିଗରୁ ସେ ହିଁ ପରମାତ୍ମାଙ୍କର ସ୍ୱରୂପ । ଯେ ପର୍ଯ୍ୟନ୍ତ ଅଜ୍ଞାନ ରହେ, ଆଖି ବନ୍ଦ ରହେ, ମନ ମୋହିତ ଥାଏ ସେ ପର୍ଯ୍ୟନ୍ତ ସବୁ ଭ୍ରମ, ମାୟାଜାଲ ଅଟେ । ଯେତେବେଳେ ଜ୍ଞାନର ନେତ୍ର ଖୋଲେ, ସେତେବେଳେ ମନ ମୁକ୍ତ ହୋଇଯାଏ ଏବଂ ସତ୍ୟର ସାକ୍ଷାତକାର ହୋଇଯାଏ ।

# ରେଳ ମନ୍ତ୍ରୀଙ୍କୁ ଭେଟିଲେ ସୁନ୍ଦରଗଡ଼ ବିଧାୟିକା

ସୁନ୍ଦରଗଡ଼ : ସରଡ଼େଗା -ଲଇକେରା- ଝାରସୁଗୁଡ଼ା ପାସେଞ୍ଜର ଏବଂ ଝାରସୁଗୁଡ଼ା- ସୁନ୍ଦରଗଡ଼ - ଅମ୍ବିକାପୁର ରେ ଚଳାଚଳ ପାଇଁ କେନ୍ଦ୍ର ରେଳମନ୍ତ୍ରୀଙ୍କ ଠାରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଦାବି କରିଛନ୍ତି । ବିଧାୟିକା ଟେଟେ ଦିଲ୍ଲୀଠାରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେ ଏଥିରେ ଜଣାଇଛନ୍ତି ଯେ, ସରଡେଗା ଠାରୁ ଲଇକେରା ଦେଇ ଝାରସୁଗୁଡ଼ାକୁ ରେଳ ସଂଯୋଗୀକରଣ କାର୍ଯ୍ୟ ଶେଷ ହୋଇଛି । ଏହି ରେଳପଥରେ ବର୍ତ୍ତମାନ କେବଳ କୋଇଲା ପରିବହନ ହେଉଛି । ଯଦି ଏହାକୁ ଟପରିଆ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇ ଏକ ପାସେଞ୍ଜର ଟ୍ରେନ ଚଳାଚଳ କରାଯାଏ, ତାହାହେଲେ ବିସ୍ଥାପିତ ଅଞ୍ଚଳବାସୀ ରେଳସେବା ପାଇ ପାରିବେ । ଏହାଛଡ଼ା ଦୀର୍ଘଦିନର ଦାବି ଝାରସୁଗୁଡ଼ା- ସୁନ୍ଦରଗଡ଼ - ଅମ୍ବିକାପୁର ଟ୍ରେନ ଚଳାଚଳ ପାଇଁ ନୂତନ ପ୍ରକଳ୍ପ କରାଗଲେ ଏହା ୩ ରାଜ୍ୟ ସଙ୍ଗେ ସଂଯୋଗୀକରଣ ହେବା ସହ ସ୍ଥାନୀୟ ବାସିନ୍ଦା ଉପକୃତ ହେବେ । ଏହାଛଡ଼ା ରାଉରକେଲା ଠାରୁ ରାଜଧାନୀ ଭୁବନେଶ୍ୱରକୁ ପ୍ରତିଦିନ ସନ୍ଧ୍ୟାରେ ଦ୍ୱିତୀୟ ଇଣ୍ଟରସିଟି ଚଳାଚଳ କରାଗଲେ ପଶ୍ଚିମ ଓଡ଼ିଶାବାସୀ ସୁବିଧା ପାଇ ପାରିବେ । ସେହିପରି ଝାରସୁଗୁଡ଼ା ଠାରେ ରେଳବାଇ ଡିଭିଜନ ଗଠନ କରିବା ସହ କନିକା ଏବଂ ଧୁରୁଆଡିହି ଠାରେ ୨ ଟି ରେଳବାଇ ଓଭରବ୍ରିଜ ନିର୍ମାଣ କରିବା ପାଇଁ ବିଧାୟିକା ଦାବି କରିଛନ୍ତି । ଏହି ସାକ୍ଷାତକାର ବେଳେ ରେଳମନ୍ତ୍ରୀ ବିଧାୟିକାଙ୍କ ସହ ସୁନ୍ଦରଗଡ଼ି ଭାଷାରେ କଥାହେବା ସହ ଖୁବଶୀଘ୍ର ସରଡେଗା ଝାରସୁଗୁଡ଼ା ମଧ୍ୟରେ ଟ୍ରେନ ଚଳାଚଳ ଆରମ୍ଭ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ ।

## ଜିଲ୍ଲା ଓବିସି ମଞ୍ଚ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଦାବିପତ୍ର

ସୋନପୁର : ଓବିସି ମଞ୍ଚର ସଭାପତି ଅଶ୍ୱିନୀ କୁମାର ମହାକୁଡ଼ ସଂପାଦକ କୃଷ୍ଣଚନ୍ଦ୍ର କମ୍ପ, କୋଷାଧକ୍ଷ ଲକ୍ଷ୍ମଣ ଦେହୁରୀଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ବ୍ଲକର କର୍ମକର୍ତ୍ତା ମାନଙ୍କ ଉପସ୍ଥିତିରେ ରାଜ୍ୟପାଳ, ରାଷ୍ଟ୍ରପତିଙ୍କ ନିକଟକୁ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଜରିଆରେ ୬ ଦଫା ଦାବିପତ୍ର ଦିଆଗଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ କାର୍ଯ୍ୟକର୍ତ୍ତା ଶ୍ରୀ ଲକ୍ଷ୍ମଣ ବଡ଼ିଆ, ଉପେନ୍ଦ୍ର ଆଟି, ଶ୍ରୀ ଭଗବାନ ମହାକୁଡ, ଯୁଗଳ କିଶୋର ଦେହୁରୀ ଏବଂ ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର କର୍ଣ୍ଣ ଉପସ୍ଥିତ ଥିଲେ ।

# ଗୋ ସୁରକ୍ଷା ଲାଗି ସୁବର୍ଣ୍ଣପୁରରେ ବୈଠକ

ସୋନପୁର : ସୋନପୁର ପୌରାଞ୍ଚଳର ରାସ୍ତାଘାଟରେ ଗୋରୁମାନେ ଅବାଧ ବିଚରଣ କରୁଥିବାରୁ ଦୁର୍ଘଟଣାର ଶିକାର ହେଉଛନ୍ତି । ଗୋ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନର ମିଳିତ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଅବୋଲୀ ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ପିଡି ଡିଆରଡିଏ ଡୋଳାମଣି ପଟେଲ, କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଯାଂଶୁ ରୁଟ, ଡିଏସପି ସହକାରୀ ଅଗ୍ନିଶମ ଅଧିକାରୀଙ୍କ ସମେତ ସଭାପତି ଓ ସମ୍ପାଦକ, ବଣିକ ସଂଘ ସୁବର୍ଣ୍ଣପୁର, ସହରସ୍ଥିତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବୁଢ଼ାରଜା ଯୁଥ କ୍ଲବ, ମାରଓ୍ୱାଡ଼ି ଯୁବା ମଞ୍ଚ, ଗ୍ରାମୋତ୍ଥାନ, ଚନ୍ଦ୍ରଶେଖର ପାଠାଗାର, ରାମଧୁନ କ୍ଲବ ପ୍ରଭୃତିର କର୍ମକର୍ତ୍ତା ପ୍ରମୁଖ ବୈଠକରେ ଯୋଗଦାନ କରି ନିଜ ନିଜର ମତାମତ ରଖିଥିଲେ ।

# ଓଡ଼ିଆ କ୍ରୀଡ଼ାବିତ... ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଉତ୍ତରରେ କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ୨୦୧୮-୧୯ ଆର୍ଥିକ ବର୍ଷରେ ଏନସିଏସ ପୋର୍ଟାଲ ମାଧ୍ୟମରେ ସାରା ଭାରତରୁ ୯୦ ଲକ୍ଷ ୩୦ ହଜାର ଯୁବକ ଯୁବତୀ ଚାକିରି ପାଇଁ ଆବେଦନ କରିଥିଲେ । ସେଥିରୁ ଓଡ଼ିଶାରୁ ୬୪ ହଜାର ଥିଲେ । ସେହିପରି ୨୦୧୯-୨୦ ରେ ସାରା ଭାରତରୁ ୧ କୋଟି ୩ ଲକ୍ଷ ୯୮ ହଜାର ଆବେଦନ କରିଥିବା ବେଳେ ଓଡ଼ିଶାରୁ ୫୩ ହଜାର ଆବେଦନ କରିଥିଲେ । ୨୦୨୦-୨୧ରେ ସାରା ଦେଶରୁ ୧ କୋଟି ୪ ଲକ୍ଷ ୪୫ ହଜାର ଆଶାୟୀ ଥିଲେ ଏବଂ ଓଡ଼ିଶାରୁ ୧ ଲକ୍ଷ ୩୬ ହଜାର ରହିଥିଲେ ।

ବିଭିନ୍ନ ଚାକିରି ମେଳା ବା ନିଯୁକ୍ତି ମେଳା ଜରିଆରେ ଏହି ୩ ବର୍ଷ ମଧ୍ୟରେ ମୋଟ ୧ ଲକ୍ଷ ୯୧ ହଜାର ୮୮ ଜଣଙ୍କୁ ଚାକିରି ପତ୍ର ପଠାଯାଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି । ୨୦୧୮-୧୯ରେ ୭୨ ହଜାର ୫୩୯ ଜଣଙ୍କୁ, ୨୦୧୯-୨୦ ରେ ୮୭ ହଜାର ୬୨୨ ଜଣଙ୍କୁ ଏବଂ ୨୦୨୦-୨୧ ରେ ୩୧ ହଜାର ୭୨୭ ଜଣଙ୍କୁ ନିଯୁକ୍ତି ପତ୍ର ଦିଆଯାଇଛି । ଏଥିମଧ୍ୟରେ ଓଡ଼ିଶାର ମାତ୍ର ୩ହଜାର ୪୮୪ ଜଣ ଅଛନ୍ତି । ଅର୍ଥାତ୍ ମାତ୍ର ୩ହଜାର ୪୮ ଜଣଙ୍କୁ ୩ଟି ଆର୍ଥିକ ବର୍ଷରେ ନିଯୁକ୍ତି ପତ୍ର ଦିଆଯାଇଛି ।

୨୦୧୮-୧୯ ରେ ଓଡ଼ିଶା ୬୪ ହଜାର ଯୁବକ ଯୁବତୀ ଏନସିଏସ ଜରିଆରେ ଚାକିରି ପାଇଁ ଆବେଦନ କରିଥିବାବେଳେ ୨ ହଜାର ୭୬୦ ଜଣଙ୍କୁ ନିଯୁକ୍ତି ପତ୍ର ପଠାଯାଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଠିକ୍ ସେହିଭଳି ୨୦୧୯-୨୦ ଆର୍ଥିକ ବର୍ଷରେ ୫୩ ହଜାର ଓଡ଼ିଆ ଯୁବକ ଯୁବତୀ ଆବେଦନକାରୀ ଥିବାବେଳେ ମାତ୍ର ୭୨୪ ଜଣଙ୍କୁ ନିଯୁକ୍ତିପତ୍ର ପଠାଯାଇଛି । କିନ୍ତୁ ୨୦୨୦-୨୧ ଆର୍ଥିକ ବର୍ଷରେ ୧ ଲକ୍ଷ ୩୬ ହଜାର ଓଡ଼ିଆ ପିଲା ଆବେଦନ କରିଥିବା ବେଳେ କାହାରିକୁ ଜଣଙ୍କୁ ନିଯୁକ୍ତି ଦିଆଯାଇ ନାହିଁ । ସଂସଦରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଏନସିଏସ ପୋର୍ଟାଲ ୨୦୧୫ ଜୁଲାଇ ୨୦ ତାରିଖରୁ ଆରମ୍ଭ କରାଯାଇଛି । ସେବେଠାରୁ ଚଳିତବର୍ଷ ଜୁଲାଇ ୧୮ ତାରିଖ ପର୍ଯ୍ୟନ୍ତ ୮୬ ଲକ୍ଷ ୧୩ ହଜାର ଖାଲି ପଦବୀରେ ନିଯୁକ୍ତି ପାଇଁ ଏହା ଜରିଆରେ ପଦକ୍ଷେପ ନିଆଯାଇଛି ।

# ଆଦିତ୍ୟ ଆଲୁମିନିୟମ ପ୍ରକଳ୍ପ ପକ୍ଷରୁ ଉନ୍ନୟନ କାର୍ଯ୍ୟର ଉଦଘାଟନ

ଝାରସୁଗୁଡ଼ା : ସ୍ଥାନୀୟ ଜଙ୍ଗଲା ପଞ୍ଚାୟତ ଅନ୍ତର୍ଗତ, ଲୁଧାପାଲି ଆର.ଏଣ୍ଡ ଆର କଲୋନୀରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟର କତରବଗା ମୁଖ୍ୟରାସ୍ତାରୁ କଲୋନୀର ସମସ୍ତ ରାସ୍ତାକୁ କଂକ୍ରିଟ କରଣ, ମହିଳା ମାନଙ୍କର ଜୀବନ ଜୀବିକାର ଅଭିବୃଦ୍ଧି ନିମନ୍ତେ ସ୍ଥାୟୀ ସିଲେଇ କେନ୍ଦ୍ର ତଥା କତରବଗା ଗ୍ରାମରେ ନିର୍ମିତ ଶିବ ମନ୍ଦିରର ଉଦଘାଟନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଶତାଧିକ ଜନ ସାଧାରଣଙ୍କ ସହିତ, ମାନବ ସମ୍ବଳ ମୁଖ୍ୟ ଡକ୍ଟର ବିବେକାନନ୍ଦ ମିଶ୍ର, ପାରି ପାର୍ଶ୍ୱିକ ଉନ୍ନୟନ ବିଭାଗୀୟ ମୁଖ୍ୟ ଶ୍ରୀମତୀ ଶ୍ୱେତା ଉପାଧ୍ୟାୟ ଅଂଶ ଗ୍ରହଣ କରି ସମସ୍ତ କାର୍ଯ୍ୟକ୍ରମର ଉଦଘାଟନ ସହିତ ଶିବ ମନ୍ଦିରରେ ପୂଜା ଅର୍ଚ୍ଚନା କରି ଜନସାଧାରଣଙ୍କ ଶୁଭ କାମନା କରିଥିଲେ । କାର୍ଯ୍ୟକ୍ରମଟି ଶ୍ରୀ ମନୋରଂଜନ ବେହେରା, ସହ ପ୍ରବନ୍ଧକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସଫଳତାର ସହିତ ଆୟୋଜନ ହୋଇପାରି ନାହିଁ ।

# ଆଶୀର୍ବାଦ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ

ସୁବର୍ଣ୍ଣପୁର : ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରଓ୍ୱଣେ ଆଶୀର୍ବାଦ ଯୋଜନାର ହିତାଧିକାରୀ ଅନାଥ ଶିଶୁ ଓ ମାଆ କିମ୍ବା ବାପାଙ୍କୁ ହରାଇଥିବା ଶିଶୁମାନଙ୍କୁ ଆର୍ଥିକ ସହାୟତା ଚେକ ମାଧ୍ୟମରେ ପ୍ରଦାନ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀମତୀ ନରଓ୍ୱଣେ, ଅପର୍ଣ୍ଣା ନନ୍ଦଙ୍କୁ ୨୫୦୦ ପୂଜା ମେହେର, ରୋହନ ନାଏକ ଅଂଶୁମାନ ବାଘ, ତୁଳସୀ ବେହେରା ପ୍ରମୁଖ ପ୍ରତ୍ୟେକଙ୍କୁ ୧୫୦୦ ଟଙ୍କାର ଚେକ ପ୍ରଦାନ କରିଛନ୍ତି । ଏହି ଯୋଜନାରେ ଜିଲ୍ଲାର ୭ ଜଣ ଅନାଥ ଶିଶୁ ସହ ୭୬ ଜଣ ଶିଶୁ ଯେଉଁମାନେ ଏହି କରୋନା ସମୟରେ ନିଜ ପରିବାରର ମୁଖ୍ୟ ରୋଜଗାର କ୍ଷମ ବ୍ୟକ୍ତିଙ୍କୁ ହରାଇଛନ୍ତି ଏହିପରି ମୋଟ ୮୩ ଜଣ ଶିଶୁଙ୍କୁ ୧ ଲକ୍ଷ ୩୧ ହଜାର ୫୦୦ ଟଙ୍କାର ଆର୍ଥିକ ସହାୟତା ସେମାନଙ୍କ ବ୍ୟାଙ୍କ ଏକାଉଣ୍ଟ ଜରିଆରେ ପ୍ରଦାନ କରାଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ନିଶି ପୁନମ ମିଞ୍ଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ସୁରକ୍ଷା ଅଧିକାରୀ ଅନିଲ କାଲସାଏ, ଜିଲ୍ଲା ସଂଯୋଜକ ରାକେଶ ପ୍ରଧାନ, ସରିତା ସୁନା ପ୍ରମୁଖ ସହଯୋଗ କରିଥିଲେ ।

## ସମ୍ବଲପୁର ଏସ୍‌ଡିପିଓ ଭାବେ ଯୋଗଦେଲେ ପ୍ରଦୀପ ସାହୁ

ସମ୍ବଲପୁର : ସମ୍ବଲପୁରର ନୂଆ ଏସଡିପିଓ ଭାବେ ପ୍ରଦୀପ ସାହୁ ଯୋଗ ଦେଇଛନ୍ତି । ସେ ଏହା ପୂର୍ବରୁ ପଦ୍ମପୁରରେ ଡିଏସ୍.ପି ଭାବେ କାର୍ଯ୍ୟରତ ଥିଲେ । ସମ୍ବଲପୁର ଜିଲ୍ଲାରେ ବହୁ ବର୍ଷ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି । ସେ ଜିଲ୍ଲାର ବିଭିନ୍ନ ଥାନାର ଥାନା ଅଧିକାରୀ ଭାବେ ସେ କାର୍ଯ୍ୟ କରିଛନ୍ତି । ତପନ ମହାନ୍ତି ପଦୋନ୍ନତି ପାଇଁ ଅତିରିକ୍ତ ଏସ୍.ପି ଦାୟିତ୍ୱ ନେବା ପରେ ଏହି ପଦ ଖାଲି ପଡ଼ିଥିଲା ।

# ବୁର୍ଲାରେ ରାଜ୍ୟସ୍ତରୀୟ କବିତା ଆସର

ବୁର୍ଲା: ଶବ୍ଦ ସାହିତ୍ୟ ସଂସଦ ବୁର୍ଲା ପକ୍ଷରୁ ଗୁଗୁଲ ମିଟ ମାଧ୍ୟମରେ ରାଜ୍ୟସ୍ତରୀୟ ଏକ ଆଭାସୀ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ସଂପାଦକ ତଥା ଖଲ୍ଲିକୋଟ ସରକାରୀ ମହାବିଦ୍ୟାଳୟ ବ୍ରହ୍ମପୁରର ଓଡ଼ିଆ ଅଧ୍ୟାପକ ଶାନ୍ତନୁ ସୁନାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରାୟ ବିଭିନ୍ନ ଜିଲ୍ଲାରୁ ୪୦ରୁ ଊର୍ଦ୍ଧ୍ୱ ପ୍ରତିଷ୍ଠିତ କବି ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ । ଏଥିରେ ମୁଖ୍ୟ ଅତିଥି ରୂପେ ସମକାଳୀନ ସାହିତ୍ୟର ସୁପ୍ରତିଷ୍ଠିତ କବି ସୁଧୀର ମେହେର କଳାହାଣ୍ଡି ଓ ସମ୍ମାନୀତ ଅତିଥି ରୂପେ ସୁସାହିତ୍ୟିକ ହିଲଟପ ମହାବିଦ୍ୟାଳୟ ମୋହନା, ଗଜପତିର ଇଂରାଜୀ ଅଧ୍ୟାପକ ଡଃ ପ୍ରଣବାନନ୍ଦ ପାଙ୍ଗଯୋଶୀ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖି କବିତା ପାଠ କରିଥିଲେ । ସଂସଦର ସଭାପତି ଡଃ ଫକୀର ଚରଣ ରଣା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସଂସଦର ବରିଷ୍ଠ ସଦସ୍ୟ କବି ଡକ୍ଟର ରାମଚରଣ ପ୍ରଧାନ ଓ ନାଟ୍ୟକାର ନିରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ଶେଷରେ ସଂପାଦକ ଶାନ୍ତନୁ ସୁନା ଧନ୍ୟବାଦ ଅର୍ପଣ କରିଥିଲେ ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of **The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of **The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

# ଦୁଇ ବର୍ଷ ହେବ ପ୍ରତ୍ୟହ ଫୁଲରେ ଶୃଙ୍ଗାର ହେଉଛନ୍ତି ଶ୍ରୀ ଶ୍ରୀ ଗୁଡ଼େଶ୍ୱର ବାବା



ସମ୍ବଲପୁର : ସ୍ଥାନୀୟ ଦୁର୍ଗାପାଲି ସ୍ଥିତ ଶ୍ରୀ ଶ୍ରୀ ଗୁଡେଶ୍ୱର ମହାଦେବଙ୍କର ଗତ ଦୁଇବର୍ଷ ହେବ ପ୍ରତ୍ୟହ ଅପରାହ୍ନରେ ବିଭିନ୍ନ ରକମର ଫୁଲରେ ଶୃଙ୍ଗାର କରାଯାଉଛି । କାନିଜୁରୀର ପ୍ରମୋଦ ମେହେର, ଚଇତୁ ମେହେର, ନିଗମ ମନହୀରା, ସରୋଜ ମେହେର, ଘନ ମେହେର ଓ ସଞ୍ଜିବ ସ୍ୱାଇଁ ପ୍ରମୁଖ ବଜାରରୁ ବିଭିନ୍ନ ରକମର ଫୁଲ କିଣି ମହାଦେବଙ୍କୁ ଶୃଙ୍ଗାର କରି ଆସୁଛନ୍ତି । ଏଥିରେ ସେମାନଙ୍କୁ କମଳ ସୋନୀ ସହାୟତା କରୁଛନ୍ତି । ବାବାଙ୍କ ଏହି ଶୃଙ୍ଗାର ଦେଖିବା ପାଇଁ ଭକ୍ତମାନଙ୍କ ବେଶ୍ ଭିଡ ହେଉଛି । ଏହାଛଡ଼ା ବିଭିନ୍ନ ପର୍ବପର୍ବାଣିରେ ବାବାଙ୍କୁ ମହାକାଳ ବେଶରେ ମଧ ସଜ୍ଜିତ କରାଯାଇଥାଏ । ଏଥିରେ ଉଜ୍ଜୟିନି ଅଣାଯାଉଥିବା ଶ୍ମଶାନର ଭସ୍ମ ଏବଂ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର ହୋଇଥାଏ ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଏହି ମନ୍ଦିରର ଗମ୍ଭୀରା ଭିତରେ ଥିବା ଲିଙ୍ଗ ପାଖରେ ବେଳେ ବେଳେ ନାଗସାପର ଦର୍ଶନ ହୋଇଥାଏ । ଏହାଛଡ଼ା ମନ୍ଦିରର ଲିଙ୍ଗ ଦିନକୁ ଦିନ ବୃଦ୍ଧି ପାଉ ଥିବା ବିଷୟ ବହୁ ଦିନରୁ ଏହି ମନ୍ଦିରକୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ କହୁଛନ୍ତି । ସଂପୂର୍ଣ୍ଣ ଲିଙ୍ଗାକୃତିରେ ନିର୍ମିତ ଏହି ବିରଳ ମନ୍ଦିରକୁ ଏକ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ଟ୍ରଷ୍ଟବୋର୍ଡ ପକ୍ଷରୁ ଉଦ୍ୟମ କରାଯାଉଛି ।




## ବରଗଡ଼ ଜିଲ୍ଲାରେ କ୍ରାନ୍ତି ଦିବସ ପାଳିତ

ବରଗଡ଼ : କ୍ରାନ୍ତି ଦିବସ ଅବସରରେ ବରଗଡ଼ ଜିଲ୍ଲାର ସଂଗ୍ରାମୀ ପୀଠ ପାଣିମୋରାରେ ବର୍ଷିୟାନ ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ର ପଧାନଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ମିର୍ଦ୍ଧା ଟପ୍ପୋ ସ୍ୱାଧୀନତା ସଂଗ୍ରାମୀ ପଧାନଙ୍କ ବାସଭବନକୁ ଯାଇ ପୁଷ୍ପମାଲ୍ୟ, ଉପଢ଼ୌକନ ସହିତ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ରାଷ୍ଟ୍ରପତିଙ୍କ ପ୍ରେରିତ ବାର୍ତ୍ତାକୁ ଅତିରିକ୍ତ ଜିଲ୍ଲାପାଳ ଟପ୍ପୋ ତାଙ୍କୁ ପ୍ରଦାନ କରିଥିଲେ । ଏହି ଶୁଭେଚ୍ଛା ବାର୍ତ୍ତାକୁ ସୋହେଲା ବିଡିଓ ବିଶ୍ୱରଞ୍ଜନ କର ପାଠ କରିଥିଲେ । ତହସିଲଦାର ମାନସ ରଞ୍ଜନ ସ୍ୱାଇଁଙ୍କ ସମେତ ବହୁ ଗଣ୍ୟମାନ୍ୟ ଉପସ୍ଥିତ ଥିଲେ । ସେହିପରି ସୋହେଲାର ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ମୁଖ୍ୟଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ କ୍ରାନ୍ତି ଦିବସ ପାଳିତ ହୋଇଥିଲା । ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପରିଷଦ ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ମାନସ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧରେ ବିଡ଼ିଓ ବିଶ୍ୱରଞ୍ଜନ କର, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ରାଶେଶ୍ୱରୀ ସାହୁ, ଅଧାପକ ଟେକଚାନ୍ଦ ଦୁଆନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ନବୀନ ପରଡ଼ିଆଙ୍କଲିଖିତ ଏକପୁସ୍ତକକୁଉନ୍ମୋଚନକରାଯାଇଥିଲା । ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ପଧାନ, ନଥୁରାମ ଅଗ୍ରୱାଲ, ଟଙ୍କଧର ଝାଙ୍କର, ସରପଞ୍ଚ ଜିତେନ ଭୋଇ, ଦିଲ୍ଲୀପ ଖମାରି ପ୍ରମୁଖ ଉପସ୍ଥିତ ଥିଲେ । କ୍ରାନ୍ତି ଦିବସ ଅବସରରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ନେପାକ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ରିଙ୍କେଶ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବନେତା ସୁବ୍ରତ ସିଂ, ଜିଲ୍ଲା ଯୁବ ବିଜେଡି ସଭାପତି ପୁଦ୍ୟୁମ୍ନ କୁମାର ତ୍ରିପାଠୀ, ଓଡ଼ିଶା ମୋ ପରିବାର ଜିଲ୍ଲା ସଂଯୋଜକ ଗୌରହରି ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ । ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।



## ଅନୁଭବରେ ଓଡ଼ିଶା ସାହିତ୍ୟ ଅକାଦେମୀ

ବଲାଙ୍ଗୀର : ବିଶିଷ୍ଟ ସାହିତ୍ୟିକ ପଦ୍ମଶ୍ରୀ ଡକ୍ଟର ଶ୍ରୀନିବାସ ଉଦଗାତାଙ୍କ ଲିଖିତ ପୁସ୍ତକ 'ଅନୁଭବରେ ଓଡ଼ିଶା ସାହିତ୍ୟ ଅକାଦେମୀ' ଇତି ମଧରେ ପ୍ରକାଶ ପାଇଛି । ଏହି ପୁସ୍ତକରେ ଶ୍ରୀ ଉଦଗାତା ଏକାଡେମୀର ଉପ ସଭାପତି ଓ ପରେ ସଭାପତି ପଦବୀରେ ଥିବା ବେଳେ ତାଙ୍କର କାର୍ଯ୍ୟକଳାପ ସଂପର୍କରେ ଉଲ୍ଲେଖ କରିଛନ୍ତି । ବର୍ତ୍ତମାନ ଏକାଡେମୀର କାର୍ଯ୍ୟରେ ସେ ଅସନ୍ତୋଷ ପ୍ରକାଶ କରି ଓଡ଼ିଆ ଭାଷାର ସୁରକ୍ଷା ଓ ସଂରକ୍ଷଣ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ।




## ଡ.ନୃପରାଜ ସାହୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ

ବୁର୍ଲା : ବରିଷ୍ଠ ଓଏଏସ୍ ଅଧିକାରୀ ଡକ୍ଟର ନୃପରାଜ ସାହୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳ ସଚିବ ଭାବେ ଯୋଗ ଦେଇଛନ୍ତି । ପୂର୍ବରୁ ସେ କେବିକେ ଅତିରିକ୍ତ ପ୍ରଶାସକ ଭାବେ କାର୍ଯ୍ୟ କରୁଥିଲେ । କଳାହାଣ୍ଡି ଜିଲ୍ଲାର ମୂଳ ବାସିନ୍ଦା ଡକ୍ଟର ସାହୁ ଜଣେ ଦକ୍ଷ ପ୍ରଶାସକ, ବକ୍ତା ଓ ସୁଲେଖକ ଭାବେ ବେଶ ଜଣାଶୁଣା । ଏହା ପୂର୍ବରୁ ସେ ମାଲକାନଗିରି, କୋରାପୁଟ, ବଲାଙ୍ଗୀର ଜିଲ୍ଲାରେ ବିଭିନ୍ନ ପଦପଦବୀରେ କାମ କରି ଆସିଛନ୍ତି ।






Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra